ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୪୮
୧୪ ଜାନୁଆରୀ, ୨୦୨୬ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 248
14th January, 2026 Wednesday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

ସକୃତ୍କନ୍ଦୁକ ପାତେନୋତ୍ ପତତ୍ୟଧଃ ପତନ୍ନପି
ତଥା ତ୍ୱନାର୍ଯ୍ୟଃ ପତତି ମୃତ୍ପିଣ୍ଡପତନଂ ଯଥା ।

ସାଧୁ ଲୋକର ପତନ ହେଲେ ମଧ ତା'ର ପୁଣି ଅଭ୍ୟୁଦୟ ହୁଏ ଯେପରି କନ୍ଦୁକ ଭୂମିରେ ପତିତ ହେଲେ ଉପରକୁ ଉଠେ, ମାତ୍ର ମାଟିର ପାତ୍ର ଭୂମିରେ ପଡ଼ିଲେ ଭଗ୍ନ ହୁଏ, ସେହିପରି ଅସାଧୁ ଲୋକର ପତନ ହିଁ ତା'ର ବିନାଶର କାରଣ ହୁଏ

# କୁକୁର କାମୁଡ଼ିଲେ ଟଙ୍କା ଗଣିବ ରାଜ୍ୟ !

**ନୂଆଦିଲ୍ଲୀ, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୁଲା କୁକୁର ପ୍ରସଙ୍ଗରେ ମଙ୍ଗଳବାର ଚାଲିଥିବା ଶୁଣାଣି ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସତର୍କ କରାଇଛନ୍ତି ସୁପ୍ରିମକୋର୍ଟ। ଯଦି ବୁଲା କୁକୁର କାହାକୁ କାମୁଡିବ କିମ୍ବା କୁକୁର କାମୁଡିବା ଯୋଗୁ କାହାର ମୃତ୍ୟୁ ହେବ, ତା'ହେଲେ ରାଜ୍ୟ ସରକାରଙ୍କ ଉପରେ ସର୍ବୋଚ୍ଚ ଅଦାଲତ ମୋଟା ଅଙ୍କର ଫାଇନ ଲାଗୁ କରିବାକୁ ପଛାଇବେ ନାହିଁ। ସ୍ଥାନୀୟ ପ୍ରଶାସନ ବୁଲା କୁକୁର ନିୟନ୍ତ୍ରଣ ପାଇଁ ଲାଗୁ ହେଉଥିବା ଏବିସି ନିୟମକୁ କାର୍ଯ୍ୟକାରୀ କରିବାରେ ବିଫଳ ହେଉଥିବା ପୀଡିତମାନେ କୋର୍ଟଙ୍କୁ ଜଣାଇଛନ୍ତି।

ଏହା ଶୁଣିବା ପରେ କୋର୍ଟ ଆଜି ଏପରି ଚେତାବନୀ ଦେଇଛନ୍ତି। ସେହିପରି ବୁଲା କୁକୁରମାନଙ୍କୁ ରାସ୍ତାରେ ଖାଇବାକୁ ଦେଉଥିବା ତଥାକଥିତ କୁକୁର ପ୍ରେମୀମାନେ ମଧ ଆକ୍ରମଣ ପାଇଁ ଦାୟୀ ରହିବେ। କୁକୁର କାମୁଡା ଗୋଟିଏ ଜୀବନବ୍ୟାପୀ ପ୍ରଭାବ ହୋଇ ରହୁଛି ବୋଲି ଖଣ୍ଡପୀଠ କହିଛନ୍ତି।

## କୁକୁର ପ୍ରେମୀ ମଧ ଦାୟୀ ରହିବେ

ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହତା ଓ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି ଯେ "ଆମେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଉତ୍ତରଦାୟୀ କରିବୁ। ଏହି ସମସ୍ୟା ଦଶନ୍ଧିରୁ ରହି ଆସିଛି। ଆପଣ ନିଜ ଆଡୁ ହିଁ ସଂସଦ ୧୯୫୦ରୁ ଏହାର ବିଚାର କରୁଥିବା କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ପାଇଁ ଏହି ସମସ୍ୟା ୧୦୦୦ ଗୁଣ ବଢ଼ି ଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କ୍ଷେତ୍ରରେ ପୂରା ବିଫଳତା ଦେଖିବାକୁ ମିଳିଛି। କୁକୁର କାମୁଡିବା ଯୋଗୁ ପ୍ରାଣ ହରାଉଥିବା ପ୍ରତ୍ୟେକ ପୁରୁଷ, ମହିଳା, ବୟସ୍କ ଓ ଛୋଟ ପିଲାଙ୍କ ପାଇଁ ଆମେ ଉତ୍ତରଦାୟୀ ସରକାରଙ୍କ ଉପରେ ବଡଧରରଣ କ୍ଷତିପୂରଣ ଲାଗୁ କରିବୁ।"



ଶୁଣାଣି ବେଳେ ଖଣ୍ଡପୀଠ ରାସ୍ତାରେ ବୁଲା କୁକୁରଙ୍କୁ ଖାଇବାକୁ ଦେଉଥିବା ଲୋକଙ୍କୁ ମଧ ସମାଲୋଚନା କରିଛନ୍ତି। ଏଥିସହ କୁକୁରମାନଙ୍କୁ ସେମାନେ ନିଜ ଘରକୁ ନେଇ ଯାଆନ୍ତୁ ବୋଲି କହିଛନ୍ତି।

ଖଣ୍ଡପୀଠ କହିଛନ୍ତି, "କୁକୁରମାନଙ୍କୁ ଖାଇବାକୁ ଦେଉଥିବା ଲୋକମାନଙ୍କୁ ମଧ ଉତ୍ତରଦାୟୀ କରାଯାଉଛି। ଆପଣମାନେ ସେମାନଙ୍କୁ ନିଜ ଘରକୁ ନିଅନ୍ତୁ, ପାଖରେ ରଖନ୍ତୁ। ସେମାନେ ଏଠି ସେଠି ବୁଲିବା, କାମୁଡିବା ଓ ପିଛା କରିବାକୁ କାହିଁକି ଅନୁମତି ପାଇବେ ? କୁକୁର କାମୁଡିବାର ପ୍ରଭାବ ଜୀବନ ବ୍ୟାପୀ ରହିଥାଏ।" ଆଜିର ଶୁଣାଣି ବେଳେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସୁନା ଦୋକାନରୁ ବଡ଼ଧରଣର ଲୁଟ୍

**କେନ୍ଦ୍ରାପଡ଼ା, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ସହର ଉପକଣ୍ଠ ଠାକୁରହାଟ ବଜାରରେ ଥିବା ବାସୁଦେବ ଜୁଏଲାରୀରୁ ଗତ ରାତିରେ ବଡ଼ ଧରଣର ଚୋରୀ ହୋଇଛି। ଦୁର୍ବୃତ୍ତ ମାନେ ଗ୍ୟାସ୍ କଟର ଆଣି ଏହାର ଗ୍ରୀଲ୍ ଓ ସର୍ଟର କାଟିବା ସହିତ ଦୋକାନରେ ପଶି ପ୍ରାୟ ୩୦ରୁ ୪୦ଲକ୍ଷ ଟଙ୍କାର ସୁନା ରୂପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି । ଖବର ନେବାରେ ଜଣାଯାଇଛିଯେ, ଦୁର୍ବୃର୍ତ୍ତମାନେ ଗ୍ୟାସ କଟର ସହିତ ଦୁଇଟି ବାଇକ୍‌ରେ ଆସି ବିଳମ୍ବିତ ରାତିରେ ଦୋକାନର ଗ୍ରୀଲ ଓ ସର୍ଟର କାଟି ଭିତରେ ପଶିବା ସହିତ ଲୁଟ୍ କରିଥିଲେ । ଦେକାନ ସମ୍ମୁଖରେ ରହୁଥିବା ଏକ ପରିବାର ଏହା ଦେଖି ଦୋକାନର ମାଲିକ ଦୀପ୍ତି ରଂଜନ ସାହୁଙ୍କୁ ଫୋନ କରିଥିଲେ । ଲ' କଲେଜ ରୋଡ଼ରେ ରହୁଥିବା ଦୀପ୍ତି ରଂଜନ ଓ ତାଙ୍କ ଭାଇ ତତ୍କାଳ ଆସି ସେଠାରେ ପହଂଚି ଯିବାରୁ ଦୁର୍ବୃର୍ତ୍ତମାନଙ୍କ ମଧ୍ୟରୁ ଦୁଇ ଜଣ ଏକ ବାଇକ୍‌ରେ ଏବଂ ଅନ୍ୟ ଦୁଇ ଜଣ ନିଜର ବାଇକ୍ ଛାଡ଼ି ଅନ୍ଧାର ଭିତରେ ବିଲ ଭିତରକୁ ଦୌଡ଼ି ପଳାଇ ଯାଇଥିଲେ । ଦୁଇ ଭାଇ ସେମାନଙ୍କ ପିଛା କରି ନିରାଶ ହୋଇଥିଲେ । ଅଭିଯୋଗ ପାଇ ସଦର ଥାନା ପୋଲିସ ଆଜି ସକାଳୁ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ। ଦୁର୍ବୃର୍ତ୍ତମାନେ ଛାଡ଼ି ଯାଇଥିବା ଏକ ଟିଭିଏସ ରାଇଡ଼ର ବାଇକ୍ (ନଂ-ଓଡ଼ି୦୪ଇ୯୯୬୭) ଓ ଏକ ଗ୍ୟାସ କଟର ଜବତ କରିଛନ୍ତି । ତେବେ ଏହି ରିପୋର୍ଟ ଲେଖା ହେବା ଯାଏ ଚୋରୀ ସୁନା ରୂପା ଅଳଙ୍କାର ଓ ସଂପୃକ୍ତ ଚୋରଙ୍କର କୌଣସି ସନ୍ଧାନ ମିଳିନାହିଁ। ଏହି ଘଟଣା ପରେ ଠାକୁରହାଟ ବଜାରରେ ବ୍ୟବସାୟୀମାନେ ଭୟଭୀତ ହୋଇପଡ଼ିଛନ୍ତି।

# ଆଉ ୧୦ ମିନିଟ୍‌ରେ ହେବନାହିଁ ଡେଲିଭରି

**ନୂଆଦିଲ୍ଲୀ, ୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଦୃଢ଼ ପଦକ୍ଷେପ ପରେ, କ୍ୱିକ କମର୍ସ କମ୍ପାନୀ ବ୍ଲିଙ୍କିଟ ଏହାର ସମସ୍ତ ବ୍ରାଣ୍ଡ ପ୍ଲାଟଫର୍ମରୁ '୧୦-ମିନିଟ ଡେଲିଭରି' ଦାବିକୁ ସମ୍ପୂର୍ଣ୍ଣ ଭାବରେ ହଟାଇ ଦେଇଛି। ଡେଲିଭରି କର୍ମଚାରୀଙ୍କ ସୁରକ୍ଷା ଏବଂ ଉନ୍ନତ କାର୍ଯ୍ୟ ପରିସ୍ଥିତିକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।

କେନ୍ଦ୍ର ମନ୍ତ୍ରୀ ବ୍ଲିଙ୍କିଟ, ଜେପ୍‌ଟୋ, ସ୍ୱିଗି ଏବଂ ଜୋମାଟୋର ଅଧିକାରୀଙ୍କ ସହିତ ଏକ ବୈଠକ କରିଛନ୍ତି। ସେ ଏହି କମ୍ପାନୀଗୁଡ଼ିକୁ କଠୋର ଡେଲିଭରି ସମୟ ସୀମା ହଟାଇବା ପାଇଁ ପରାମର୍ଶ ଦେଇଛନ୍ତି, ଯାହା ଦ୍ୱାରା ଡେଲିଭରି ଅଂଶୀଦାରମାନଙ୍କ ଜୀବନ ବିପଦରେ ନ ପଡ଼ିବ ଏବଂ ସେମାନେ ସୁରକ୍ଷିତ ଭାବରେ କାମ କରିପାରିବେ।



ବୈଠକରେ ସମସ୍ତ କମ୍ପାନୀ ସରକାରଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସେମାନେ ସେମାନଙ୍କର ବ୍ରାଣ୍ଡ ବିଜ୍ଞାପନ, ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ପ୍ଲାଟଫର୍ମରୁ କଠୋର ଡେଲିଭରି ସମୟ ପ୍ରତିବଦ୍ଧତା ହଟାଇବେ। ବ୍ଲିଙ୍କିଟ ଏହି ପରିବର୍ତ୍ତନକୁ ତୁରନ୍ତ କାର୍ଯ୍ୟକାରୀ କରିଛି, ଯେତେବେଳେ ଅନ୍ୟ କମ୍ପାନୀଗୁଡ଼ିକ ଖୁବ ଶୀଘ୍ର ଏହା ଅନୁସରଣ କରିବେ।


ଗତ କିଛି ସପ୍ତାହ ମଧ୍ୟରେ, ଗିଗ କର୍ମଚାରୀ ସଂଘଗୁଡ଼ିକ ବଡ଼ ଧରଣର ପ୍ରତିବାଦ ଏବଂ ଧର୍ମଘଟ କରିଛନ୍ତି। ସେମାନେ ୧୦-୨୦ ମିନିଟର ଅତି-ଦ୍ରୁତ ଡେଲିଭରି ମଡେଲକୁ ଅସୁରକ୍ଷିତ ବୋଲି ବର୍ଣ୍ଣନା କରିଛନ୍ତି। କାରଣ ଏହା ଡେଲିଭରି ପାର୍ଟନରମାନଙ୍କୁ ଉଚ୍ଚ ଗତିରେ ଗାଡ଼ି ଚଳାଇବାକୁ ବାଧ କରେ, ଯାହା ଫଳରେ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଏ। ଏପରିକି ୟୁନିଅନଗୁଡ଼ିକ ନୂତନ ବର୍ଷର ପୂର୍ବ *(ଶେଷ ପୃଷ୍ଠା ଦେଖନ୍ତୁ)*

# ମାସକର କନ୍ୟାକୁ ବିକିଦେଲେ ବାପା-ମା'

**ଭଣ୍ଡାରିପୋଖରୀ, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ମାସର ଶିଶୁ କନ୍ୟାକୁ ତା' ବାପାମାଆ ବିକ୍ରି କରି ଦେଇଥିବା ବା ମାରି ଫିଙ୍ଗି ଦେଇଥିବା ନେଇ ମଙ୍ଗଳବାର ତା' ଜେଜେମା' ଥାନାରେ ଅଭିଯୋଗ କରିଛନ୍ତି। ଘଟଣାଟି ଘଟିଛି ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ବୟାଁବନାପୁର ଗାଁରେ।

ଗାଁର ୫୫ ବର୍ଷୀୟ ସାବିତ୍ରୀ ଦାସ ଭଣ୍ଡାରିପୋଖରୀ ଥାନାରେ ଦେଇଥିବା




ଏତଲାରେ ଉଲ୍ଲେଖ କରିଛନ୍ତି ଯେ ଗତକାଲି (୧୨.୧.୨୬) ସକାଳ ସାଢ଼େ ୯ଟାରେ ତାଙ୍କ ପୁଅ ସିପୁ ଦାସ ଓ ବୋହୂ ରୀନା ଦାସ ସେମାନଙ୍କର ଏକ ମାସର ଶିଶୁ କନ୍ୟାକୁ ଡାକ୍ତରଖାନା ନେଉଛନ୍ତି କହି ଘରୁ ବାହାରି ଯାଇଥିଲେ। ରାତି ୮ଟା ବେଳକୁ ପୁଅବୋହୂ ଘରକୁ ଫେରିଥିଲେ। କିନ୍ତୁ ସେମାନଙ୍କ ସହିତ ସେମାନଙ୍କର ଏକ ମାସର ଶିଶୁ କନ୍ୟା ନଥିଲା। ନାତୁଣୀ କୁଆଡେ ଗଲା ବୋଲି ସେ ପଚାରିଥିଲେ। ଏହା ଶୁଣି ପୁଅବୋହୂ ତାଙ୍କୁ ଗାଳିଗୁଲଜ କରିବା ସହିତ କହିଥିଲେ- 'ଆମ ଛୁଆକୁ ଆମେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଯାତ୍ରା ପେଣ୍ଡାଲରେ ଅଶ୍ଳୀଳ ନୃତ୍ୟ କଲେ ଛତିଶଗଡ଼ ଭଳି ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାତ୍ରା ପେଣ୍ଡାଲରେ ଅଶ୍ଳୀଳ ନୃତ୍ୟ ପ୍ରସଙ୍ଗ ଉପରେ ମନ୍ତବ୍ୟ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଆଇନ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଜନମତ ବି ସ୍ପଷ୍ଟ ଅଛି। ଅଶ୍ଳୀଳ ନୃତ୍ୟ ନହେଉ, ଏନେଇ ସଂସ୍କୃତି ବିଭାଗ ଏବଂ ରାଜ୍ୟ ସରକାର ଆୟୋଜକ ଏବଂ ଯାତ୍ରା ପାର୍ଟି ମାଲିକଙ୍କୁ ଜଣାଇଛନ୍ତି। ପେଣ୍ଡାଲରେ ଆଇଟମ୍ ଗାର୍ଲ ଅଶ୍ଳୀଳ ନୃତ୍ୟ କଲେ ପରିଣାମ ସାମ୍ନା କରିବାକୁ ପଡ଼ିବ। ଛତିଶଗଡ ପରି ଓଡ଼ିଶାରେ ବି ହୋଇପାରେ କାର୍ଯ୍ୟାନୁଷ୍ଠାନ ବୋଲି ଚେତାବନୀ ଦେଇଛନ୍ତି ଆଇନ ମନ୍ତ୍ରୀ। ସୂଚନା ଅନୁଯାୟ, ଯାତ୍ରା ପେଣ୍ଡାଲରେ ଆଇଟମ୍ ଗର୍ଲ ନିଶା ମହାରଣାଙ୍କ ଅଶ୍ଳୀଳ ଡ୍ୟାନ୍ସ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ଛତିଶଗଡ଼ ଗରିଆବନ୍ଦ ଜିଲା ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛି । ଛତିଶଗଡ଼ ପୁଲିସ ୧୭ଜଣ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଏଏସ୍‌ଡି ଉପରେ ଅଦାଲତି ଛାଟ

# ହାଇକୋର୍ଟରେ ଜବାବ ଦେବ ଟାଟା

**କଟକ, ୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଅତିରିକ୍ତ ବିଦ୍ୟୁତ ସୁରକ୍ଷା ଜମା ଆଦାୟ ପ୍ରସଙ୍ଗରେ ଟାଟାପାୱାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି । ଏଥି ସହିତ ଓଇଆରସି ଏବଂ ରାଜ୍ୟ ସରକାରଙ୍କୁ ମଧ ଆଜି ନୋଟିସ ଜାରି ହୋଇଛି । ୨ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ସମସ୍ତ ପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ୩ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ସୂଚନା ମୁତାବକ, 'ଭଏସ ଅଫ କଟକ' ପକ୍ଷରୁ ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମାକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଆଇନ ଓ ଓଡ଼ିଶା ବିଦ୍ୟୁତ ନିର୍ଦ୍ଦେଶାବଳୀର ଉଲଂଘନ ଅଭିଯୋଗ ଦର୍ଶାଇ ହାଇକୋର୍ଟରେ ମାମଲା ଦାୟର ହୋଇଛି । ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମାକୁ ତୁରନ୍ତ ପ୍ରତ୍ୟାହାର କରିବା ନେଇ ଆବେଦନରେ ଦର୍ଶାଯାଇଛି । ସୁରକ୍ଷା ଜମା ଥାଇ ମଧ ପୁଣି ଥରେ ହଜାର ହଜାର ଟଙ୍କା ମାଗିବା ଓ ବିଦ୍ୟୁତ କାଟିବାକୁ ଧମକ ଦେବା ବେଆଇନ ବୋଲି ଆବେଦନକାରୀ ମାମଲାରେ ଦର୍ଶାଇଛନ୍ତି । ପୂର୍ବରୁ ଟାଟା ପାୱାର ୭ହଜାର ୨୧୫କୋଟିର ଅତିରିକ୍ତ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ରଖିଥିବା ମଧ ମାମଲାରେ ଦର୍ଶାଯାଇଛି । ବିନା ଗ୍ରାହକ ସମ୍ମତି ଓ ସଚେତନତାରେ ସ୍ମାର୍ଟ ମିଟର ସ୍ଥାପନ କରିବା ବେଆଇନ ବୋଲି ପିଟିସନରେ ଆବେଦନକାରୀ ଉଲ୍ଲେଖ କରିଥିଲେ । ଏହି ପ୍ରକ୍ରିୟା ବିଦ୍ୟୁତ ଆଇନ ୨୦୦୩ ଏବଂ ସମ୍ବିଧାନର ଧାରା ୧୪ ଓ ୨୧ର ଖୋଲାଖୋଲି ଉଲଂଘନ ବୋଲି ମାମଲାରେ ଦର୍ଶାଯାଇଛି ।

# ନିମ୍ନମାନର କାମକୁ ବନ୍ଦ କଲେ ଗାଁ ଲୋକେ

**ରାଜନଗର, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ମହୁଲିଆ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ପୋଖରୀଆ ହରିଜନପଡା ଠାରୁ ମାଣପଡା ଖଦାଳସାହି ଗ୍ରାମ୍ୟ ଉତ୍ତୟନ ରାସ୍ତା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨୦୨୪-୨୫ ମସିହା ଏସଏଫସି/ସିଏଫସି ଯୋଜନାରେ ୨ଲକ୍ଷ ଟଙ୍କା ଅଟକଳ ହୋଇଥିଲା। ଆଜି ଗୋଟିଏ ଦିନରେ ରାସ୍ତା ମରାମତି କରାଯାଇଥିଲା। ତରବରିଆ ଭାବେ ଏହି ରାସ୍ତା କାମ ରାତିରେ ସରେଇବା ପାଇଁ ଏତେ ବ୍ୟସ୍ତ ହୋଇ କରୁଥିବାରୁ ଲୋକଙ୍କ ସନ୍ଦେହ ବୃଦ୍ଧି ପାଇଥିଲା। ଠିକା ସଂସ୍ଥା ତଳେ ପିସିସି କରିନଥିଲେ। ରାସ୍ତାର କଡ଼ ଭାଗରେ ପିଟପ *(ଶେଷ ପୃଷ୍ଠା ଦେଖନ୍ତୁ)*

# ପୂର୍ବ ଶତ୍ରୁତାରୁ ଏସିଡ ମାଡ଼

**ପଟ୍ଟାମୁଣ୍ଡାଇ, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବାଛରା ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ସୋମବାର ସନ୍ଧ୍ୟାରେ ଏସିଡ ମାଡ଼ ହୋଇଥିଲା । ଯାହାକୁ ନେଇ ମା ଓ ପୁଅ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏସିଡ ମାଡ଼ ଘଟଣାରେ କେସ ନଂ ୧୬/୨୦୨୬ରେ ଏକ ମାମଲା ରୁଜୁକରି ସମ୍ପୃକ୍ତ ବ୍ୟକ୍ତିକୁ ଧରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ବନ୍ଦନା ପାତ୍ର କହିଛନ୍ତି ।

ବାଛରା ଗ୍ରାମର ରବୀନ୍ଦ୍ର ସାହୁ ଓ ବିଜୟ ସାହୁଙ୍କ ମଧ୍ୟରେ ଜାଗା ବାଡିକୁ ନେଇ ପୁରୁଣା କଳି ଲାଗି ରହିଥିଲା । ଏନେଇ ପୂର୍ବରୁ ମଧ ବିବାଦ ଦେଖା ଦେଇଥିବା ବେଳେ ଥାନାରେ କଳି ପହଂଚି ମାମଲା ଚାଲିଛି। ତେବେ ଏହି ଶତ୍ରୁତାର *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜିଲ୍ଲା ମହୋତ୍ସବରେ ପ୍ରଶାସନିକ ଅଧିକାରୀଙ୍କ ଔଦ୍ଧତ୍ୟ

# ମଂଚରୁ ନୃତ୍ୟଶିଳ୍ପୀଙ୍କୁ ଅଧାରୁ ଠେଲି ଠେଲି ବାହର କରିଦେଲେ

**କେନ୍ଦ୍ରାପଡ଼ା, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଉଥିବା କେନ୍ଦ୍ରାପଡ଼ା ଜିଲ୍ଲା ମହୋତ୍ସବ, ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା,ଆତ୍ମନିର୍ଭର ଭାରତ-ସ୍ୱଦେଶୀ ମେଳାର ଗତ ସୋମବାର ଉଦ୍‌ଘାଟନୀ ସଂଧ୍ୟାରେ ଜଣେ ପ୍ରଶାସନିକ ଅଧିକାରୀଙ୍କ ଔଦ୍ଧତ୍ୟ ସୀମା ଟପିଥିବା ଦେଖାଯାଇଥିଲା । ଅଧିକାରୀ ଜଣକ ସର୍ବ ସମ୍ମୁଖରେ ମଂଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଥିବା ଜିଲ୍ଲା ର ସର୍ବ ପ୍ରାଚୀନ ନୃତ୍ୟ ସଂଗୀତ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଯୁବତୀମାନଙ୍କୁ ହଟ ହଟ କହି ଯେପରି ନିଜେ ଠେଲି ଠେଲି ମଂଚ ତଳକୁ ବିଦା କରିଦେଇଥିଲେ। ସେଠାରେ ଉପସ୍ଥିତ ଥିବା ସେମାନଙ୍କ ଅଭିଭାବକ ମା' ମାନଙ୍କର ଅଧିକାରୀଙ୍କ ଦୁର୍ବ୍ୟବହାରର ପ୍ରତିବାଦକୁ ବି ସେ ଖାତିର କରିନଥିଲେ। ଯାହା ଜିଲ୍ଲାର ବୁଦ୍ଧିଜୀବି ଓ ସଚେତନ ଲୋକଙ୍କୁ ବିସ୍ମିତ ଓ ବ୍ୟଥିତ କରିଛି । ଜଣେ ପ୍ରଶାସନିକ ଅଧିକାରୀ ବଢିଲା ଝିଅ ମାନଙ୍କୁ ଠେଲି ଠେଲି ମଂଚରୁ ବାହାର କରିଦେବା ଘଟଣା କୁ ଦେଖି ଜାଣି ମଧ୍ୟ ଜିଲ୍ଲା ପ୍ରଶାସନ ଦୁଇ ଦିନ ହେଲା ଚୁପ୍ ହୋଇ ବସିଛି । ଅଭିଯୋଗରୁ ପ୍ରକାଶଯେ,ଜିଲ୍ଲା ପ୍ରଶାସନର ଆମନ୍ତ୍ରଣ କ୍ରମେ ସୋମବାର ସଂଧ୍ୟରେ ଜିଲ୍ଲାର ସର୍ବ ପ୍ରଚୀନ ଗୋକୁଳ ଚନ୍ଦ୍ର ସଂଗୀତ ସଦନର ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆଙ୍କ ନେତୃତ୍ୱରେ ନୃତ୍ୟଶିଳ୍ପୀମାନେ ଜିଲ୍ଲା ମହୋତ୍ସବ ମଂଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଥିଲେ। ସେମାନଙ୍କ ନୃତ୍ୟ ଅଧାରୁ ହଠାତ୍ ଉପଜିଲ୍ଲାପାଳ ମଂଚକୁ ଚଢି ହଟ ହଟ, ଅଳିଆ ହଟାଅ, ଆମର ଗେଷ୍ଟ ଆସିଗଲେଣି କହି ଜଣ ଜଣଙ୍କୁ ଠେଲି ମଂଚ ତଳକୁ ଓହ୍ଲାଇ ଦେଇଥିଲେ । ଝିଅମାନଙ୍କୁ ଠେଲି ତଳକୁ ବିଦା କରିଦେବାକୁ ତାଙ୍କର କେଉଁଠୁ ଅଧିକାର ଆସିଲା ଉପସ୍ଥିତ ଲୋକେ କିଛି ବୁଝି ପାରିନଥିଲେ । ତେବେ ସେଠାରେ ଥିବା ନୃତ୍ୟ ଶିଳ୍ପୀମାନଙ୍କ ଅଭିଭାବକ ମା'ମାନେ ଏହାର ପ୍ରତିବାଦ କରିବାରୁ ଉପଜିଲ୍ଲାପାଳ ସେମାନଙ୍କୁ ଆଖି ଦେଖାଇବାକୁ ବି ପଛେଇ ନଥିଲେ । ଉପଜିଲ୍ଲାପାଳ ତଥା ଜଣେ ସବ୍‌ଡ଼ିଭିଜିନାଲ ମାଜିଷ୍ଟ୍ରେଟ୍‌ଙ୍କ ଭଳି ଦାୟିତ୍ୱ ସଂପନ୍ନ ଅଧିକାରୀଙ୍କ ଏଭଳି ଦୁର୍ବ୍ୟବହାରରେ ବିଚରା ପଡ଼ି ଉଠି ଓ କାନ୍ଦିକାନ୍ଦି ଝିଅମାନେ ସେଠାରୁ ଚାଲିଆସିଥିଲେ । ଅବଶ୍ୟ ଏହାର ଅଧଘଣ୍ଟା ପରେ ଅତିଥିମାନେ ମଂଚକୁ ଆସିଥିଲେ । ଏଭଳି ଅଭାବନୀୟ ଘଟଣା କେବଳ ସଚେତନ ଲୋକଙ୍କୁ ନୁହେଁ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ବ୍ୟଥିତ କରିଥିଲା । କେତେକ ନୃତ୍ୟଶିଳ୍ପୀ ଓ ସେମାନଙ୍କ ଅଭିଭାବକ ମାନଙ୍କୁ ବୁଝିସୁଝା କରାଇଥିଲେ। ଏହି ଘଟଣାରେ ଜଗନ୍ନାଥ ଧଳ, ଶିବାଶିଷ ମହାନ୍ତି, ସୁବ୍ରତ ରାଉତ, ମୁକ୍ତେଶ୍ୱର ସ୍ୱାଇଁ, ରାଜେଶ ବେହେରା, ବିଭୁତି ରାଉତ, ପୃଥିରାଜ ମଣ୍ଡଳ, ଚିତ୍ରସେନ ରାଉତ ପ୍ରମୁଖ ପ୍ରତିକ୍ରିୟାରେ କହିଛନ୍ତି ଯେ କୌଣସି ମହୋତ୍ସବର ଲକ୍ଷ୍ୟ ହେଲା ମାଟିର ସଂସ୍କୃତିକୁ ପ୍ରଦର୍ଶନ କରିବା ସହିତ ଏହାର ଉତ୍ତରାୟଣକୁ ପ୍ରୋତ୍ସାହିତ କରିବା । ଜିଲ୍ଲାର ସର୍ବ ପ୍ରାଚୀନ ନୃତ୍ୟ ସଂଗୀତ ଅନୁଷ୍ଠାନ ଗୋକୁଳ ଚନ୍ଦ୍ର ସଂଗୀତ ସଦନର ଶିଳ୍ପୀମାନେ *(ଶେଷ ପୃଷ୍ଠା ଦେଖନ୍ତୁ)*



## ତିନୋଟି ପ୍ରକଳ୍ପର ଶିଳାନ୍ୟାସ

**ଯାଜପୁର,ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଯାଜପୁର ଜିଲ୍ଲା ପୂର୍ତ୍ତ ବିଭାଗର ତିନୋଟି ପ୍ରମୁଖ ପ୍ରକଳ୍ପର ଲୋକାର୍ପଣ କରିବା ସହ ଅନ୍ୟ ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଉଦଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ, ପୂର୍ତ୍ତ, ଆଇନ ଏବଂ ଅବକାରୀ ପୃଥ୍ୱୀରାଜ ହରିଚନ୍ଦନ, ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କୋମଲ୍ କୁମାର ସ୍ୱାଇଁ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ବୈତରଣୀ ନଦୀ ଉପରେ ଲାଲବାଗ ପାଖ କିଲାଘାଟ- ବେହେରାପାଟଣା ସଂଲଗ୍ନ ସୁଉଚ୍ଚ ସେତୁ ନିର୍ମାଣ, ବନ୍ଧାଲୋ- ଏଣ୍ଡରପଦା ୬.୮ କିମି ରାସ୍ତାର ଉନ୍ନତିକରଣ, ପ୍ରଶସ୍ତିକରଣ, କପିଳାଦେଇ ମଳିଆ ବଳଭଦ୍ରପୁର ୧୫.୭ କିମି ରାସ୍ତାର ଉନ୍ନତିକରଣ, ପାଣିକୋଇଲିରୁ ରଗଡ଼ି ୧୯ କିମି ରାସ୍ତାର ଉନ୍ନତିକରଣ ପ୍ରକଳ୍ପର ଉଦଘାଟନ କରାଯାଇଛି । ଯାଜପୁର ଓ ପାଣିକୋଇଲି ରାସ୍ତା ଓ କୋଠାବାଡ଼ି ଡିଭିଜନରେ ମୋଟ ୭୨ କୋଟି ଟଙ୍କା ବ୍ୟୟରେ ଉଦଘାଟନ ହୋଇଥିବା ତିନୋଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି ଏବଂ ୧୧୨ କୋଟି ଟଙ୍କାର ଅନ୍ୟ ତିନୋଟି ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିଛନ୍ତି । ଏହାସହ ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମ ପକ୍ଷରୁ ଦଶରଥପୁର ବ୍ଲକରେ ମୋଟ ୧୧ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମଙ୍ଗଳପୁର- କନିକାପଡ଼ା ଅଟଳ ବସଷ୍ଟାଣ୍ଡ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି ।

## ସ୍କୁଲ୍‌ବସ୍‌କୁ ଧକ୍କା ଦେଲା ଟ୍ରକ୍, ଛାତ୍ରଛାତ୍ରୀ ଆହତ

**ରଘୁନାଥପୁର: ଏକ୍ସପ୍ରେସ ନ୍ୟୁଜ୍**

ସ୍କୁଲ୍ ବସ୍‌କୁ ଧକ୍କା ଦେଲା ଟ୍ରକ୍ । ରଘୁନାଥପୁର ଥାନା ଅନ୍ତର୍ଗତ କଟକ- ପାରାଦ୍ୱୀପ ରାସ୍ତାର ଖଣ୍ଡତରି ହମ୍ପସ୍ ନିକଟରେ ଏହି ଦୁର୍ଘଟଣା ଘଟିଛି । ସ୍ଥାନୀୟ ଲୋକେ ବସ୍ ଭିତରୁ ପିଲାମାନଙ୍କୁ ଉଦ୍ଧାର କରିଛନ୍ତି । ସମସ୍ତ ଛାତ୍ରଛାତ୍ରୀ ସୁରକ୍ଷିତ ଅଛନ୍ତି । ପୋଲିସ ଟ୍ରକ୍ ଓ ସ୍କୁଲ୍ ବସ୍ ଜବତ କରି ତଦନ୍ତ ଆରମ୍ଭ କରିଛି ।

ସୂଚ଼ନାନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୯ଟା ବେଳେ ରଘୁନାଥପୁର ନିକଟସ୍ଥ କଲରାବାଙ୍କ କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲ ବସ୍ ୪୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ନେଇ ରାହାମାରୁ କଲରାବାଙ୍କ ଆସୁଥିଲା । କଟକ-ପାରାଦ୍ୱୀପ ରାସ୍ତାର ଖଣ୍ଡତରି ହମ୍ପସ୍ ନିକଟରେ ସ୍କୁଲ୍ ବସ୍‌କୁ ଏକ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା । ଫଳରେ ବସ୍ ଭିତରେ ଥିବା ପିଲାମାନେ ଭୟରେ ପାଟି କରିଥିଲେ । ପିଲାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଆମ୍ବୁଲାନ୍ସ ସହାୟତାରେ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ରଘୁନାଥପୁର ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ଆହତ ଛାତ୍ରଛାତ୍ରୀମାନଙ୍କୁ ଚ଼ିକିତ୍ସା କଲାପରେ ସମସ୍ତେ ସୁସ୍ଥ ଥିବା ଜଣାପଡିଛି । ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ ଓ ସ୍କୁଲ ବସ୍‌କୁ ପୋଲିସ ଜବତ କରି ତଦନ୍ତ ଚ଼ଳାଇଛି ।

## ଝାରସୁଗୁଡା ଷ୍ଟେସନରେ ନିଆଁ




**ଝାରସୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ଝାରସୁଗୁଡା ମୁଖ୍ୟ ରେଲୱେ ଷ୍ଟେସନ ୧ ନମ୍ବର ପ୍ଲାଟ ଫର୍ମଠାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଜଣାପଡିଛି । ସୂଚ଼ନା ଅନୁସାରେ ମଙ୍ଗଳବାର ସକାଳୁ ଝାରସୁଗୁଡା ମୁଖ୍ୟ ରେଲୱେ ଷ୍ଟେସନ ପ୍ଲାଟଫର୍ମ ନମ୍ବର ୧ରେ ବିଦ୍ୟୁତ ମରାମତି କାର୍ଯ୍ୟ ଚ଼ାଲିଥିବାବେଳେ ଏକ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା । ଯାହାଫଳରେ ସର୍ଟ ସର୍କିଟ ହୋଇ ପ୍ଲାଟଫର୍ମ ମଧ୍ୟରେ ଏବଂ ପ୍ଲାଟଫର୍ମ ବାହାରେ ଧୂଆଁମୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ରେଲୱେ ବିଭାଗର ବିଦ୍ୟୁତ କର୍ମଚ଼ାରୀ ଏବଂ ଅଗ୍ନିଶମ ବିଭାଗ ଆସି ନିଆଁକୁ ଆୟତ୍ତ କରିଥିଲେ । ଏଥିରେ କୌଣସି ଜୀବନହାନୀ କିମ୍ବା ବିଶେଷ କ୍ଷତି ହୋଇ ନଥିବା ସୂଚ଼ନା ମିଳିଛି । ଭୟଭୀତ ନହେବା ପାଇଁ ରେଳ ବିଭାଗ ପକ୍ଷରୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

## ବୋଲେରୋ-ଆମ୍ବୁଲାନ୍ସ ଧକ୍କାରେ ମହିଳା ମୃତ

**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**




ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସହର ଉପକଣ୍ଠ ୩୨୬ ନଂ ଜାତୀୟ ରାଜପଥ କପାମଣ୍ଡି ନିକଟରେ ବୋଲେରୋ ସହ ଆମ୍ବୁଲାନ୍ସ (ନଂ.ଓଡ଼ି୩୩ ଏଏମ – ୪୭୬୧) ମୁହାଁମୁହିଁ ଧକ୍କା ହୋଇଛି । ଏହି ଛାତିଥରା ଦୁର୍ଘଟଣାରେ ଜଣେ ମହିଳାଙ୍କ ଜୀବନ ଯାଇଥିବା ସୂଚ଼ନା ରହିଛି । ଅନ୍ୟ ଦୁଇଜଣ ଗୁରୁତର ଆହାତ ହୋଇଛନ୍ତି । ମୃତକ ଜଣକ ହେଲେ ରାୟଗଡ଼ା କାଶୀପୁର ଅଞ୍ଚଳର ଲଳିତା ନାୟକ(୪୫) ଏବଂ ଆହାତ ଦ୍ୱୟ ହେଲେ ଭଉଣୀ କୁମାରୀ ନାୟକ(୩୦), ଭଣଜା ବୁନା ନାୟକ(୨୦) । ଖବର ଅନୁସାରେ, ସୋମବାର ରାତି ପ୍ରାୟ ସାଢେ ୨ଟାରେ ଏହି ଦୁର୍ଘଟଣା ଘଟିଛି । କଟକ ବଡ଼ ଡ଼ାକ୍ତରଖାନାରେ ଲଳିତାଙ୍କୁ ଚ଼ିକିତ୍ସା କରାଇ ପରିବାର ଲୋକେ କାଶୀପୁର ଫେରୁଥିବା ବେଳେ ବିପରୀତ ଦିଗରୁ ଆମ୍ବୁଲାନ୍ସଟି ଦୃତଗତିରେ ଆସି ଧକ୍କା ଦେଇଥିଲା । ଖବର ପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୋଲିସ କର୍ମଚ଼ାରୀମାନଙ୍କ ସହାୟତାରେ ସମସ୍ତ ଆହାତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଲଳିତାଙ୍କୁ ମୃତ ଘୋଷଣା କରିଥିଲେ । ଆହାତ କୁମାରୀ ଏବଂ ବୁନାଙ୍କୁ ପ୍ରାଥମିକ ଚ଼ିକିତ୍ସା କରାଯିବା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ମକଦ୍ଦମା ରୁଜୁ କରି ଲଳିତାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି । ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡ଼ିକୁ ଜବତ କରାଯାଇ ତଦନ୍ତ ଚ଼ାଲିଥିବା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି ।

## ବୈଶିଙ୍ଗା ଅଞ୍ଚଳରେ ଡକାୟତି: ପୋଲିସ ହାତ ଖାଲି

**ବୈଶିଙ୍ଗା: ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା ପଞ୍ଚାୟତର ଦୁର୍ଗାପୁର (ଗଣେଶ୍ୱରପୁର) ଗ୍ରାମର ବସନ୍ତ ସେନାପତିଙ୍କ ଘରୁ ପ୍ରାୟ ୫୦/୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ସମେତ ନଗଦ ଟଙ୍କା ଚୋରି ହୋଇଥିବା ଖବର ଲୋକ ଙ୍କ ମନରେ ଭୟ ସୃଷ୍ଟି କରିଛି ।

ପ୍ରାପ୍ତ ସୂଚନା ମୁତାବକ ଗତ ଶନିବାର ସନ୍ଧ୍ୟା ୭ ଘଟିକା ସମୟରେ ଦୁର୍ଗାପୁର (ଗଣେଶ୍ୱରପୁର) ଗ୍ରାମର ବିକର୍ତ୍ତନ ସେନାପତିଙ୍କ ପୁତ୍ର ବସନ୍ତ ଏବଂ ତାଙ୍କ ସ୍ତ୍ରୀ ଉଭୟେ ଶ୍ୱଶୁର ଘରକୁ ଯାଇଥିଲେ । ଆଜି ସକାଳେ ଆସି ଦେଖନ୍ତି ତ ଚୋରମାନେ ପୁରା କଳାକନା ବୁଲାଇ ଦେଇଛନ୍ତି । ଏକାଧିକ ଚୋର ରବିବାର ରାତିରେ ବସନ୍ତଙ୍କ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗିବା ସହିତ ଭିତର ଘରର ସବୁ କବାଟକୁ ଭାଙ୍ଗି ସମସ୍ତ ଆସବାବପତ୍ର ଏଣେତେଣେ ଫିଙ୍ଗି ଦେଇଥିଲେ । ଏହାପରେ କୋଲାପସ୍ ଗେଟ୍ ଭାଙ୍ଗି ଶୋଇବା ଘରର ଗୋଦରେଜ ଆଲମିରାକୁ ଭାଙ୍ଗି ପ୍ରାୟ ୪୦୦ ଗ୍ରାମର ବିଭିନ୍ନ କିସମର ସୁନା ଅଳଙ୍କାର, ୨୦୦ ଗ୍ରାମ ଓଜନର ରୁପା ଅଳଙ୍କାର ଏବଂ ନଗଦ ୧୭ ହଜାର ଟଙ୍କା ଆନୁମାନିକ ୬୦ ଲକ୍ଷ ମୂଲ୍ୟର ଗହଣା ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ପୂର୍ବାହ୍ନରେ ଶିକ୍ଷକ ବସନ୍ତ ସେନାପତି ବୈଶିଙ୍ଗା ଥାନାରେ ଅଭିଯୋଗ କରିବା ପରେ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରି ଫେରି ଆସିଥିଲେ । ପୁଲିସ ତରଫରୁ ସାଇଣ୍ଟିଫିକ ଟିମ୍ ସହିତ ସନ୍ଧାନୀ କୁକୁରର ସାହାଯ୍ୟ ନିଆଯାଇଥିଲା । କୁକୁର ପହଞ୍ଚି ଘଟଣା ସ୍ଥଳ ନିକଟରୁ ଖୋଦି ଖୋଜି ୩୦୦ ମିଟର ରାସ୍ତା ୧୮ନଂ ଜାତୀୟ ରାଜପଥ ନିକଟରେ ପହଞ୍ଚି ଆଉ ଆଗେଇ ପାରି ନ ଥିଲା । ଗ୍ରାମବାସୀଙ୍କ ଅଭିଯୋଗ ଥିଲା ନିକଟସ୍ଥ ପଦ୍ମନାଭପୁର ଟୋଲପ୍ଲାଜାକୁ ବାଇପାସ କରି ଶହ ଶହ ମାଲବାହୀ ଟ୍ରକ, କାର, ପିକଅପ ଆଦି ଏହି ରାସ୍ତାରେ ରାତି ସାରା ବିକଟାଳ ଶବ୍ଦ ସହିତ ଚଳପ୍ରଚଳ କରୁଥିବାରୁ ରାସ୍ତା ପାର୍ଶ୍ୱବର୍ତ୍ତୀ ଘରର ଲୋକମାନେ ତାଙ୍କ କବାଟ ଦେଇ ଶୋଇ ଯାଉଛନ୍ତି । ସେଥିପାଇଁ ଏହି ରାସ୍ତାରେ ଚୋରି, ଡକାୟତି, ଛିନତାଇ ଓ ରାହାଜାନି ଆଦି ବଢି ଚାଲିଛି । ଏସବୁକୁ ରୋକିବାରେ ବୈଶିଙ୍ଗା ପୁଲିସ ପୁରା ବିଫଳ ବୋଲି ଚର୍ଚ୍ଚା ହେଉଛି । ଚୋରି ଡକାୟତିକୁ ରୋକିବା ପାଇଁ ବିଭିନ୍ନ ସ୍ଥାନରେ ସିସି ଟିଭି କ୍ୟାମେରା ଲଗାଯାଇଥିଲେ ମଧ୍ୟ ଗତ ସେପ୍ଟେମ୍ବର ମାସଠାରୁ ଏସବୁ ଅଚଳ ହୋଇପଡିଛି । ଦୁର୍ବୃତ୍ତମାନଙ୍କୁ ଏସବୁ ବୋଧହୁଏ ଜଣାଅଛି । ଏଣୁ ସେମାନେ ଅନାୟାସରେ ଏଭଳି ଘଟଣା ଘଟାଇ ଚାଲିଥିବାର ଆଶା କରାଯାଏ । ପୁଲିସ ଏଭଳି ଘଟଣା ପ୍ରତି ସଚେତନ ନ ହେଲେ ସାଧାରଣଙ୍କ ଧନଜୀବନ ବିପନ୍ନ ହୋଇ ପଡିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ହେଉଛି ।

## ପ୍ରତାପରୁଦ୍ରପୁର ଓ କାକରୁଦ୍ରପୁରରେ ଖୋଲିଲା ମଣ୍ଡି

**ବାଲିଅନ୍ତା: ଏକ୍ସପ୍ରେସ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ଏବଂ କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ସରକାରୀ ଧାନମଣ୍ଡି ଶୁଭାରମ୍ଭ ହୋଇଛି । ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟଅତିଥି, ସରପଞ୍ଚ ଶ୍ରଦ୍ଧେୟା ପାତ୍ର, ସମିତି ସଭ୍ୟକ୍ଷ ଉମାରାଣୀ ମହାନ୍ତି, ଡିଆରସିଏସ ଅଳକା ନନ୍ଦା ଜେନା, ଏଆରସି ଏସ ପ୍ରିୟବ୍ରତ ପଣ୍ଡା, ଏରିଆ ଅଫିସର ଅମୀୟ ଖୁଣ୍ଟିଆ, ଜଟଣୀ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୂର୍ଯ୍ୟ ନାରାୟଣ ବଳିୟାର ସିଂହ ଓ ସମବାୟ ସମିତି ସଭାପତି ସୁଧିର ଚ଼ରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ । ସମ୍ପାଦକ ବିଶ୍ୱନାଥ ପଣ୍ଡା ସମସ୍ତ କାର୍ଯ୍ୟ ପରିଚ଼ାଳନା କରିଥିଲେ । ସେହିପରି କାକରୁଦ୍ରପୁର ସେବା ସମବାୟ ସମିତିରେ ଉପରୋକ୍ତ ଅଧିକାରୀମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମଣ୍ଡି ଶୁଭାରମ୍ଭ କରିଥିଲେ । ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟ ମିଲିଲତା ବେହେରା, ବେଣ୍ଟପୁର ସରପଞ୍ଚ ସସ୍ମିତା ସାହୁ ଓ ସମିତି ସଭ୍ୟ ଝରଣା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମଣ୍ଡି ଶୁଭାରମ୍ଭ କରିଥିଲେ । ମଣ୍ଡିରେ ଚ଼ାଷୀମାନଙ୍କ ଧାନ ବିକ୍ରି ନେଇ ସବୁ ପ୍ରକାର ସୁବିଧା କରାଯାଇଥିବା ସଭାପତି ନିଳକଣ୍ଠ ପଣ୍ଡା କହିଛନ୍ତି । ସମ୍ପାଦକ ହେମନ୍ତ କୁମାର ନାୟକ କାର୍ଯ୍ୟ ପରିଚ଼ାଳନା କରିଥିଲେ । ପାରିବାସୁଦେଇ ସ୍ଥିତ ସାନ୍ତୋଲିଆ ରାଇସ ମିଲ ଧାନ ସଂଗ୍ରହ ଦାହିତ୍ୱରେ ରହିଛି । ହେଲେ ଜିଲ୍ଲା ପ୍ରଶାସନ ସହ ମିଲର୍ସମାନଙ୍କ ଆଲୋଚ଼ନା ଚୂଡାନ୍ତ ହୋଇପାରିନଥିବାରୁ ଆଜି ମଣ୍ଡିରେ ଧାନ କିଣାଯାଇ ପାରି ନାହିଁ । ୧୫ ତାରିଖ ସୁଦ୍ଧା ମଣ୍ଡିରୁ ଧାନ ସଂଗ୍ରହ ହେବ ବୋଲି ଜଣାଯାଇଛି ।

## ରାଜ୍ୟସ୍ତରୀୟ ପାଲା ଗାୟକ ସମ୍ମିଳନୀ ଉଦଯାପିତ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ନିକଟସ୍ଥ ସଂସ୍କୃତି ସଂପନ୍ନ ଗ୍ରାମ ପଟିଆଗଡ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ତିନିଦିନ ବ୍ୟାପି ଶ୍ରୀ ଜଗନ୍ନାଥ ପାଲା କଳାକାର ମହାସଂଘ, ଓଡ଼ିଶା ଓ ମା ଉତ୍କଳଭାରତୀ ପାଲା ଗାୟିକା ଓ କଳାକାର ପରିଷଦ, ଓଡ଼ିଶାର ରାଜ୍ୟ ସ୍ତରୀୟ ପାଲା ସମ୍ମିଳନୀ ଉଦଯାପିତ ହୋଇଯାଇଛି । ଚଳିତ ବର୍ଷ ଶ୍ରୀ ଜଗନ୍ନାଥ ପାଲା କଳାକାର ମହାସଂଘରେ କେନ୍ଦୁଝର ବଳଦେବ ଜୀଉ ପାଲା ପରିଷଦ ଓ ବିଶ୍ୱକାରିଣୀ ପାଲା ପରିଷଦ ଏବଂ ମୟୂରଭଞ୍ଜର କିଚକେଶ୍ୱରୀ ପାଲା ପରିଷଦ ସାମିଲ ହୋଇଯାଇଛନ୍ତି । ଶ୍ରୀକ୍ଷେତ୍ରରୁ ଆସିଥିବା ପ୍ରଥମେ ପ୍ରଭୁଙ୍କ ଆଜ୍ଞାମାଳ ଆଧ୍ୟାତ୍ମିକ ପରିବେଶରେ ଗ୍ରାମ ପରିକ୍ରମା କରିଥିଲା । ପ୍ରତ୍ୟେହ ସାନ୍ଧ୍ୟ ଅଧିବେଶନର ସାହିତ୍ୟ ସଭାରେ ଗାୟକ ନିରଞ୍ଜନ ସ୍ୱାଇଁ ଓ ବସନ୍ତ ମଞ୍ଜରୀ ପଣ୍ଡାଙ୍କ ସଭାପତିତ୍ୱରେ ବହୁ ସାହିତ୍ୟିକ ଓ ରାଜନିତିଜ୍ଞଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଅତିଥି ଭାବରେ ଯୋଗଦେଇ ପାଲା ସଂସ୍କୃତି ଉପରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ମହାସଂଘର ବରିଷ୍ଠ ଉପଦେଷ୍ଟା ନାରାୟଣ ମହାରଣା, ସୁରେନ୍ଦ୍ର ନାଥ ଛୋଟରାୟ ଏବଂ ବନମାଳୀ ପତି ଉଭୟ ପାଲା ସଂଘର ଉନ୍ନତି ପାଇଁ ଅତିଥିମାନଙ୍କଠାରେ ତଥା ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପିତ କରିଥିଲେ । ଗାୟକ ବସନ୍ତ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଦୁଷ୍ମନ୍ତ କୁମାର ବେହେରା ଓ ସ୍ୱର୍ଣ୍ଣପ୍ରଭା ଲେଙ୍କା ଉଭୟ ସଂଘର ସଂପାଦକୀୟ ବିବରଣୀ ପାଠ କରିଥିଲେ । ମହାସଂଘର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଗଗନ ବିହାରୀ ମହାପାତ୍ରଙ୍କ ସମେତ ୧୪ ଜଣ ଗାୟକ ଓ ଗାୟିକା ପାଲା ପରିବେଷଣ କରିଥିଲେ । ମହାସଂଘର ମୁଖ୍ୟ ଉପଦେଷ୍ଟା ଅଞ୍ଜନ କୁମାର ଜେନା ତିନିଦିନ ବ୍ୟାପି ମହୋତ୍ସବକୁ ସମ୍ପୂର୍ଣ୍ଣ ସଫଳ କରିବାରେ ସମସ୍ତ ଦାୟିତ୍ୱ ବହନ କରିଥିଲେ । କୋଷାଧ୍ୟକ୍ଷ ଶିବ ଶଙ୍କର ମହାରଣା, କନକ ଲତା ସାମଲ, ଅସୀମା ବରାଳଙ୍କ ସମେତ ଉଭୟ ସଂଘର କର୍ମକର୍ତ୍ତାମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ବିପୁଳ ପରିମାଣର ଗଞ୍ଜେଇ ଜବତ

**ଧର୍ମଶାଳ: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ଅବକାରୀ ବିଭାଗକୁ ମିଳିଛି ବଡ ସଫଳତା । ଯାଜପୁର ଟାଉନ ଅଞ୍ଚଳରୁ ଏକ ପିକ୍‌ଅପ୍‌ରୁ ଗଞ୍ଜେଇ ଜବତ କରାଯାଇଛି । ପିକ୍‌ଅପ୍ ଗାଡ଼ିରେ ଉପରେ ପାଣି ବୋତଲ ସହ ଭିତରେ ଗଞ୍ଜେଇ ଚ଼ାଲାଣ ହେଉଥିବା କୌଣସି ସୂତ୍ରରୁ ସୂଚ଼ନା ପାଇ ଅବକାରୀ ବିଭାଗ ପେଟ୍ରୋଲିଂ କରିବା ସମୟରେ ଚ଼ଢ଼ଉ କରିଥିଲା । ୧ କ୍ୱିଣ୍ଟାଲ ୬୦ କେଜି ଗଞ୍ଜେଇ ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧୬ ଲକ୍ଷ ଟଙ୍କା ହେବ । ଘଟଣାରେ ୨ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରହିଛି । ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲ୍ଲାର ଆନନ୍ଦ ଭୋଇ ଓ ଅନୁଗୁଳ ଜିଲ୍ଲାର ରେଙ୍ଗାଲବେଢା ଅଞ୍ଚଳର ଅନୀଲ ବେହେରା ବୋଲି ଜଣାପଡିଛି । ଏମାନେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବୌଦ୍ଧ ଜିଲ୍ଲାରୁ ଗଞ୍ଜେଇ ଆଣି ଚ଼ାଲାଣ କରୁଥିଲେ ।

## ୭୦ ବଣ୍ଡଲ ମାଞ୍ଜା ସୂତା ଜବତ, ଗୁଡି ନ ଉଡାଇବାକୁ ସଚେତନତା

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ଗୁଡିର ମାଞ୍ଜା ସୂତା ଯୋଗୁ ବଡଦାଣ୍ଡରେ ଏକାଧିକ ଦୁର୍ଘଟଣା ଘଟିବା ସହ ଯାତ୍ରୀଙ୍କ ଜୀବନ ବିପଦରେ ପଡୁଛି । ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ପାଇଁ ମାଞ୍ଜା ସୂତା ସାଜିଛି ବିପଦ । ଏହାକୁ ରୋକ୍ ଲଗାଇବାକୁ ପୁଲିସ ଆକ୍ସନ୍ । ସୋମବାର ପୁରୀ ପୁଲିସ ପକ୍ଷରୁ ଏକାଧିକ ସ୍ଥାନରେ ଚ଼ଢଉ କରି ଗୁଡି ଓ ମାଞ୍ଜା ସୂତା ଜବତ କରାଯାଇଛି । ହେଲେ ବି ସୁଦ୍ଧା ପୁଲିସ ଆଖିରେ ଧୂଳି ଦେଇ ରବିବାର ବିଭିନ୍ନ ସ୍ଥାନରେ ମାଞ୍ଜା ସୂତା ଗୁଡି ଉଡୁଥିବା ଦେଖିବାକୁ ମିଳିଥିଲା । ଯାହାର ପରିଣାମ ସ୍ୱରୂପ ଜନଗହଳି ପୂର୍ଣ୍ଣ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରବିବାର ଅନ୍ୟ ଏକ ଅଘଟଣରେ ଜଣେ ବ୍ୟକ୍ତିଙ୍କର ହାତରେ ଗଭୀର କ୍ଷତ ପହଞ୍ଚିଛି । ପାଖାପାଖି ଅପରାହ୍ଣ ୩ଟା ୩୦ ସମୟରେ ବାଲିଗୁଆଳିରେ ରହୁଥିବା ଦେବାଶିଷ କୁମାର(୪୫) ବଡଦାଣ୍ଡରେ ଯାଉଥିବା ବେଳେ ଏକ ମାଞ୍ଜା ସୂତା ସମ୍ମୁଖକୁ ଚ଼ାଲି ଆସିଥିଲେ । ସେ ଏକ ମୋଟା ଶୀତବସ୍ତ୍ର ପିନ୍ଧିଥିଲେ ସୁଦ୍ଧା ମାଞ୍ଜା ସୂତାଟି ତାଙ୍କର ଜ୍ୟାକେଟକୁ କାଟି ତାଙ୍କର ଡାହାଣ ବାହୁକୁ ଗଭୀର କ୍ଷତି ପହଞ୍ଚାଇଥିଲା । ସେ ଜ୍ୟାକେଟ ନ ପିନ୍ଧିଥିଲେ ଆହୁରି ବଡ ଅଘଟଣ ଘଟିଥାନ୍ତା ବୋଲି କହିବା ସହ ପୁରୀ ବଡଦାଣ୍ଡରେ ଏଭଳି ହେବା ଦୁଃଖର ବିଷୟ ବୋଲି ପ୍ରକାଶ କରିଛନ୍ତି । ପୁରୀକୁ ଦେଶ ତଥା ଦେଶ ବାହାରୁ ପର୍ଯ୍ୟଟକ ଆସୁଛନ୍ତି । ଏଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ମାଞ୍ଜା ସୂତା ଗୁଡି ଉଡାଣ ଉପରେ ସମ୍ପୂର୍ଣ୍ଣ ରୋକ ଲାଗିବା ଆବଶ୍ୟକ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ପୁରୀ ପୁଲିସ ପକ୍ଷରୁ ପୁରୀ ସହରର ବିଭିନ୍ନ ଅଞ୍ଚଳରେ ମାଞ୍ଜା ସୂତା ବିକ୍ରୟ ଓ ବ୍ୟବହାର ବିରୋଧରେ ଏକ ବିଶେଷ ଅଭିଯାନ ରବିବାରଠାରୁ ଆରମ୍ଭ କରାଯାଇଛି । ଏହି କ୍ରମରେ ବିଭିନ୍ନ ଗୁଡି ଦୋକାନ ଓ ବ୍ୟବସାୟୀଙ୍କ ପାଖରୁ ମୋଟ ୭୦ ବଣ୍ଡଲ୍ ମାଞ୍ଜା ଗୁଡି ସୂତା ଜବତ କରାଯାଇଛି । ଅବୈଧ ଭାବେ ମାଞ୍ଜା ସୂତା ବିକ୍ରୟ କରୁଥିବା ବ୍ୟକ୍ତିମାନଙ୍କୁ ଚେତାବନୀ ଦିଆଯାଇଛି । ଗୁଡି ଉଡାଉଥିବା ସମୟରେ ୧୨ ଜଣଙ୍କଠାରୁ ମଧ ଗୁଡି ଜବତ ହୋଇଛି । ୩୫ରୁ ଉର୍ଦ୍ଧ୍ୱ ମାଞ୍ଜା ସୂତା ଲାଗିଥିବା ଲଟେଇ ମଧ୍ୟ ପୁଲିସ ଜବତ କରିଛି । ପୁରୀ ପୁଲିସ ଦ୍ୱାରା ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଡକାବାଜି ମାଧ୍ୟମରେ ଏହିପରି କାର୍ଯ୍ୟ ନ କରିବା ପାଇଁ ସୂଚ଼ନା ଦିଆଯାଉଛି ।

ପୁରୀ ପୁଲିସ ପକ୍ଷରୁ କୁହାଯାଇଛି ଯେ, ମାଞ୍ଜା ସୂତା ବିକ୍ରି ହେଉଥିବାର ନଜର ଆସିଲେ ସଂପୃକ୍ତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ । ମାଞ୍ଜା ସୂତା ବ୍ୟବହାର ଏବଂ ବିକ୍ରୟ ଆଇନତଃ ଅପରାଧ । ଏହା ମାନବ ଜୀବନ ସହିତ ପକ୍ଷୀ, ପଶୁ ଓ ପରିବେଶ ପାଇଁ ମଧ୍ୟ ଭୟଙ୍କର । ଏଣୁ ସହର ଓ ବଡଦାଣ୍ଡ ଅଞ୍ଚଳରେ ମାଞ୍ଜା ଲାଗିଥିବା ଗୁଡି ନ ଉଡାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି । ଯଦି କେହି ମାଞ୍ଜା ସୂତା ବିକ୍ରି କିମ୍ବା ବ୍ୟବହାର କରୁଥିବା ଦେଖିବେ, ତେବେ ନିକଟସ୍ଥ ଥାନାକୁ କିମ୍ବା ୧୧୨କୁ କଲ କରି ସୂଚ଼ନା ଦେବାକୁ କୁହାଯାଇଛି ।

## ବାଣିଜ୍ୟ

## ଏଟିଏମ୍‌ରୁ ଟଙ୍କା ଉଠାଣ ହେବ ମହଙ୍ଗା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଏସବିଆଇ ଏଟିଏମରୁ ଟଙ୍କା ଉଠାଣ ପାଇଁ ନିୟମରେ କିଛି ପରିବର୍ତ୍ତନ କରିଛି । ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଏଟିଏମ୍ ଏବଂ ସ୍ୱୟଂଚ଼ାଳିତ ଜମା-କମ- ଉଠାଣ ମେସିନ୍ ସହିତ ଜଡିତ ଚ଼ାର୍ଜକୁ ସଂଶୋଧନ କରିଛି । ଏହି ପରିବର୍ତ୍ତନ ଅନ୍ୟ ବ୍ୟାଙ୍କର ଏଟିଏମରେ କରାଯାଉଥିବା କାରବାର ପାଇଁ ପ୍ରଯୁଜ୍ୟ ହେବ । ଏହି ପରିବର୍ତ୍ତନ ଇଣ୍ଟରଚେଞ୍ଜ ଫି’ ବୃଦ୍ଧି ଯୋଗୁଁ କରାଯାଇଛି ।

ଏହି ପରିବର୍ତ୍ତନ ସର୍ବାଧିକ ଏସବିଆଇ ଏଟିଏମ୍ ନଥିବା ଲୋକଙ୍କ ପାଇଁ ନିର୍ଦ୍ଧାରିତ ସୀମା ଅତିକ୍ରମ କରୁଥିବା ସଞ୍ଚୟ ଏବଂ ଦରମା ଆକାଉଣ୍ଟଧାରୀଙ୍କ ଉପରେ ପ୍ରଭାବ ପକାଇବ । ଏସବିଆଇର ନିଜସ୍ୱ ଏଟିଏମରେ କରାଯାଉଥିବା କାରବାରରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏହାର ଅର୍ଥ ହେଉଛି ବ୍ୟାଙ୍କର ଏଟିଏମରେ ହେଉଥିବା କାରବାର ସମାନ ରହିବ ।

ତେବେ ନୂତନ ସିଷ୍ଟମ ଅନୁଯାୟୀ ଯଦି ଜଣେ ଗ୍ରାହକ ମାଗଣା ସୀମା ସମାପ୍ତ ହେବା ପରେ ଏକ ଅଣ ଏସବିଆଇ ଏଟିଏମରୁ ନଗଦ ଉଠାନ୍ତି, ତେବେ ପ୍ରତିଥର ତାଙ୍କୁ ୨୩ଟଙ୍କା ଏବଂ ଜିଏସଟି ଦେବାକୁ ପଡିବ । ପୂର୍ବରୁ ଏହି ଶୁଳ୍କ ୨୧ ଟଙ୍କା ଏବଂ ଜିଏସଟି ଥିଲା । ବାଲାନ୍ସ ପଚ଼ରାଉଚ଼ରା କିମ୍ବା ମିନି ଷ୍ଟେଟମେଣ୍ଟ ଭଳି ଅଣ-ଆର୍ଥିକ କାରବାର ପାଇଁ ଶୁଳ୍କ ୧୦ଟଙ୍କା ଏବଂ ଜିଏସଟିରୁ ହ୍ରାସ କରି ୧୧ଟଙ୍କା ଏବଂ ଜିଏସଟି କରାଯାଇଛି । ଏସବିଆଇ କହିଛି ଯେ ଇଣ୍ଟରଚେଞ୍ଜ ଫି ବୃଦ୍ଧି ପରେ ଏଟିଏମ ସେବା ମୂଲ୍ୟ ସମୀକ୍ଷାର ଏକ ଅଂଶ ଭାବରେ ଏହି ପରିବର୍ତ୍ତନ କରାଯାଇଛି ।

ସଞ୍ଚୟ ଖାତାଧାରକଙ୍କ ପାଇଁ ମାଗଣା କାରବାର ସୀମାରେ କୌଣସି ପରିବର୍ତ୍ତନ ହୋଇନାହିଁ । ନିୟମିତ ସଞ୍ଚୟ ଖାତା ଗ୍ରାହକମାନେ ପ୍ରତି ମାସରେ ଅଣ-ଏସବିଆଇ ଏଟିଏମରେ ମୋଟ ପାଞ୍ଚଟି ମାଗଣା କାରବାର କରିପାରିବେ, ଯେଉଁଥିରେ ଆର୍ଥିକ ଏବଂ ଅଣ-ଆର୍ଥିକ କାରବାର ଅନ୍ତର୍ଭୁକ୍ତ । ଏହି ସୀମା ଅତିକ୍ରମ କରିବା ପରେ ହିଁ ନୂତନ ଶୁଳ୍କ ଲାଗୁ ହେବ ।

ସେହିପରି ଦରମା ପ୍ୟାକେଜ୍ ସଞ୍ଚୟ ଆକାଉଣ୍ଟ ପାଇଁ ନିୟମ ପରିବର୍ତ୍ତନ କରାଯାଇଛି । ଏହି ଆକାଉଣ୍ଟଧାରୀଙ୍କୁ ଏବେ ସବୁଠି ଏସବିଆଇ ନଥିବା ଏଟିଏମରେ ପ୍ରତି ମାସରେ ମୋଟ ୧୦ଟି ମାଗଣା କାରବାର କରିବାକୁ ଅନୁମତି ଦିଆଯିବ । ପୂର୍ବରୁ, ଏହି ଆକାଉଣ୍ଟଗୁଡ଼ିକ ଅସୀମିତ ମାଗଣା ବ୍ୟବହାର ପ୍ରଦାନ କରୁଥିଲେ । ସୀମା ଅତିକ୍ରମ କରିବା ପରେ ନୂତନ ଶୁଳ୍କ ଲାଗୁ ହେବ ।

## ଉପମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ତେଜିଲା ରାଜନୀତି

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**



ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଚ଼ାଷୀଙ୍କ ପ୍ରତି ଦେଇଥିବା ମନ୍ତବ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇ ମନ୍ତବ୍ୟ ପ୍ରତ୍ୟାହାର କରିବାକୁ ଦାବି ହେଉଛି । ଗତ କିଛିଦିନ ତଳେ ବରଗଡ ଧନୁଯାତ୍ରା ମଞ୍ଚରେ କନକବର୍ଦ୍ଧନ ସିଂଦେଓ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ କରୁଥିବା ଚ଼ାଷୀମାନେ ନୌଟଙ୍କି କରୁଛନ୍ତି ବୋଲି ମନ୍ତବ୍ୟ ଦେଇଥିଲେ । ଏହାପରେ ଦୁଇଦିନ ତଳେ ସବୁର୍ଣ୍ଣପୁର ଜିଲ୍ଲାର ମହିମା ଲୋକ ଉତ୍ସବ ମଞ୍ଚରେ ଚ଼ାଷୀଙ୍କୁ ଦଲାଲ ଆଖ୍ୟାଦେବା ସହିତ ବରଗଡ ଜିଲ୍ଲାରେ ଚ଼ାଷୀ ବିଷାକ୍ତଧାନ ଉତ୍ପାଦନ କରୁଛନ୍ତି ବୋଲି ମନ୍ତବ୍ୟ ଦେଇଥିଲେ । ଏହା ସହିତ ବରଗଡରେ କିଛି ଚ଼ାଷୀନେତାଙ୍କୁ ଆକ୍ରମଣ ହୋଇଥିବା ବେଳେ ସୋନପୁରରେ ନବନିର୍ମାଣ କୃଷକସଂଗଠନର ଚ଼ାଷୀନେତାଙ୍କୁ ମନ୍ତ୍ରୀ ତଥା ପୋଲିସ ସାମନାରେ ବିଜେପିଗୁଣ୍ଡା ଆକ୍ରମଣ କରି ଲହୁଲୁହାଣ କରିଦେଲେ । ଏହି ଘଟଣାକୁ ନେଇ ବଲାଙ୍ଗିର ମିଳିତକୃଷକ ମଞ୍ଚ ଏକ ସାମ୍ବାଦିକ ସମ୍ମିଳନୀ କରି ତୀବ୍ର ନିନ୍ଦା କରିବା ସହିତ ଉପମୁଖ୍ୟମନ୍ତ୍ରୀ ଚ଼ାଷୀଙ୍କ ଉପରେ ଦେଇଥିବା ଦାୟିତ୍ୱହୀନ ମନ୍ତବ୍ୟକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରାଯାଇଛି । ମିଳିତ କୃଷକମଞ୍ଚର ଆବାହକ ଆକାଶ ମିଶ୍ରଙ୍କ ଆବାହକତ୍ୱ ଓ ଜିଲ୍ଲା କୃଷକ ମହାସଂଘର ସଭାପତି ଜତି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ନବନିର୍ମାଣ କୃଷକସଂଗଠନର ବଲାଙ୍ଗୀର ଜିଲ୍ଲା ସଭାପତି ହିମାଂଶୁଶେଖର ସାହୁ, ଜିଲ୍ଲା କୃଷକସଂଗଠନର ସଭାପତି ବିଭୁଦତ୍ତ ମିଶ୍ର, ଜିଲ୍ଲା କୃଷକ ମହାସଂଘର ସଂପାଦକ ସୌମେନ୍ଦ୍ର ପରିଛା, ଜିଲ୍ଲା କୋସଲୀ କୃଷକସଂଘର ସଭାପତି କୌସ୍ତୁଭ ସାହୁ ଓ କିଷାନସେଲର ମଧୁସୂଦନ କ୍ଷେତି ପ୍ରମୁଖ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନଙ୍କ ମନ୍ତବ୍ୟକୁ ତୀବ୍ରନିନ୍ଦା କରିଛନ୍ତି । ଜତି ପଧାନ କହିଛନ୍ତି ଯେ, କନକବର୍ଦ୍ଧନ ସିଂଦେଓ ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଚ଼ାଷୀକୂଳକୁ ଅପମାନିତ କରିଛନ୍ତି । ବିଜେପିଦଳ ନିର୍ବାଚ଼ନ ପୂର୍ବରୁ ଗୋଟିଏ କଥା ଓ ନିର୍ବାଚ଼ନ ପରେ ଗୋଟିଏ କଥା କହୁଛି । ଗତ ୨୦୧୫ ମସିହାରେ ବିଜେଡି ଶାସନ ଥିବା ବେଳେ ବିଜେପିଦଳ କୃଷିମନ୍ତ୍ରୀଙ୍କୁ ବଲାଙ୍ଗିରରେ ଅଣ୍ଡାମାଡ କରିଥିଲା । କିନ୍ତୁ ଆଜି ଚ଼ାଷୀମାନେ ନିଜ ହକପାଇଁ ପ୍ଲାକାର୍ଡ ପ୍ରଦର୍ଶନ କଲେ ତାଙ୍କୁ ଗୁଣ୍ଡା ଲଗାଇ ପିଟାଯାଉଛି । ଦେଶରେ ଗଣତାନ୍ତ୍ରୀକ ଶାସନ ଚ଼ାଲିଥିଲେ ହେଁ କନକବର୍ଦ୍ଧନ ସିଂଦେଓ ନିଜକୁ ମହାରାଜ ଓ ତାଙ୍କର ରାଜାଡି ଶାସନ ଚ଼ାଲିଛି ଭାବୁଛନ୍ତି ବୋଲି ଶ୍ରୀ ପଧାନ କହିଛନ୍ତି । ଠିକ ସେହିପରି ନବନିର୍ମାଣ କୃଷକସଂଗଠନର ହିମାଂଶୁଶେଖର ସାହୁ ତାଙ୍କ ବକ୍ତବ୍ୟରେ ବରଗଡ ଓ ସୋନପୁରରେ ଶ୍ରୀ ସିଂଦେଓ ଦେଇଥିବା ମନ୍ତବ୍ୟକୁ ନୀନ୍ଦାକରି ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି । ଏହା ସହିତ ଚ଼ାଷୀନେତାଙ୍କୁ ବିଜେପି ଗୁଣ୍ଡାମାନଙ୍କ ଦ୍ୱାରା ମାଡମରା ଘଟଣାକୁ ନିନ୍ଦା କରି ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ କରାନ୍ତୁ ବୋଲି ଦାବି କରିଛନ୍ତି । ଚ଼ାଷୀ ସଂଗଠନର ବିଭୂଦତ୍ତ ମିଶ୍ର ମଧ୍ୟ ସୋନପୁରରେ ପୋଲିସ ଉପସ୍ଥିତିରେ ମାଡ ଘଟଣାକୁ ତୀବ୍ରସମାଲୋଚ଼ନା କରିଥିଲେ । ଆବାହକ ଆକାଶ ମିଶ୍ର କହିଛନ୍ତି ଯେ,ଗଣତାନ୍ତ୍ରୀକ ରାଷ୍ଟ୍ରରେ ଚ଼ାଷୀମାନେ ତାଙ୍କ ନ୍ୟାର୍ଯ୍ୟଦାବି ପାଇଁ ଆନ୍ଦୋଳନ କରିପାରିବେ । ସରକାର ଚ଼ାଷୀଙ୍କ ସମସ୍ୟାର ସମାଧାନ କରିବା ପାଇଁ ଦାୟିତ୍ୱ ପାଇଛନ୍ତି । କିନ୍ତୁ ଦମନମୂଳକ ନୀତି ଆପଣେଇ ଚ଼ାଷୀଙ୍କୁ ଆକ୍ରମଣ କରିଚ଼ାଲିଲେ ଏହାର ଦୃଢପ୍ରତିବାଦ କରାଯିବ ଓ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ । ଧାନକିଣାକୁ ବ୍ୟବସ୍ଥିତ ନକଲେ ତଥା ରାଜ୍ୟସରକାରଙ୍କ ମନ୍ତବ୍ୟରେ ଶାଳିନତା ନରହିଲେ ଆସନ୍ତା ଜାନୁୟାରୀ ଶେଷବେଳକୁ ବଲାଙ୍ଗିର ଜିଲ୍ଲାରେ ଭୟାବହ ଆନ୍ଦୋଳନ କରାଯିବ ଓ ସରକାର ସେଥିପାଇଁ ଦାୟି ରହିବେ ବୋଲି ଆକାଶ ମିଶ୍ର ଚେତାବନୀ ଦେଇଛନ୍ତି ।

## ‘ମର୍ଦ୍ଦାନୀ ୩’ର ଟ୍ରେଲର ଆଉଟ୍

## ସିନେମାଫିନେମା ଟିଭିଫିବି

ଖୁବଶୀଘ୍ର ରିଲିଜ ହେବାକୁ ଯାଉଛି ରାନୀ ମୁଖାର୍ଜୀଙ୍କ ଫିଲ୍ମ ‘ମର୍ଦ୍ଦାନୀ ୩’ । ଫିଲ୍ମ ରିଲିଜକୁ ନେଇ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ଗତକାଲି ଫିଲ୍ମର ଟ୍ରେଲର ରିଲିଜ ହୋଇଯାଇଛି । ରାନୀ ମୁଖାର୍ଜୀ ପୁଣି ଥରେ କଠୋର ପୋଲିସ ଇନ୍ସପେକ୍ଟର ଶିବାନୀ ଶିବାଜୀ ରୟ ଭୂମିକାରେ ନଜର ଆସିବେ । ‘ମର୍ଦ୍ଦାନୀ ୩’ର ଟ୍ରେଲର ପ୍ରାୟ ସାଢେ ୩ ମିନିଟର ରହିଛି ।

ଟ୍ରେଲରରେ ଜଣେ ଯୁବତୀ ଅପହରଣ ହେବା ସମୟରେ ତାଙ୍କ ବନ୍ଧୁମାନଙ୍କ ସହିତ ଲୁଚ଼କାଳି ଖେଳୁଛି । ତା’ପରେ, ସ୍କ୍ରିନରେ ଏକ ଧାଡ଼ି ଦେଖାଯାଏ ଯାହା ଘୋଷଣା କରେ ଯେ ଦେଶରେ ପ୍ରତି ସପ୍ତାହରେ ଅନେକ ଯୁବତୀ ନିଖୋଜ ହୋଇଯାଉଛନ୍ତି । କାହାଣୀଟି ଉତ୍ତର ପ୍ରଦେଶର ବୁଲନ୍ଦସହରରୁ ଆରମ୍ଭ ହୁଏ, ଯେଉଁଠାରେ ଖେଳୁଥିବା ସମୟରେ ଦୁଇଟି ଯୁବତୀଙ୍କୁ ଅପହରଣ କରାଯାଇଥିଲା । ରାନୀ ମୁଖାର୍ଜୀ ତା’ପରେ ଖାକି ପୋଷାକ ପିନ୍ଧି ଏନଆଇଏରେ ପ୍ରବେଶ କରନ୍ତି, ଏକ ନୂତନ ଦାୟିତ୍ୱ ସହିତ ।

ପ୍ରକାଶ ଥାଉକି, ରାନୀ ମୁଖାର୍ଜୀଙ୍କ ହୋମ୍ ପ୍ରଡକ୍ସନ୍ ଯଶ ରାଜ ବ୍ୟାନରରେ ନିର୍ମିତ ଏହି ଫିଲ୍ମଟି ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏବଂ ଅକ୍ଷୟ ବିଦ୍ୟାୱାନୀ ସହ-ପ୍ରଯୋଜିତ । ଏହାର ଚ଼ିତ୍ରନାଟ୍ୟ ଏବଂ ସଂଳାପ ଆୟୁଷ ଗୁପ୍ତା ଲେଖିଛନ୍ତି । ଫିଲ୍ମଟି ଜାନୁଆରୀ ୩୦ରେ ରିଲିଜ କରିବାର ଯୋଜନା ରହିଛି । ଏକ ସତ୍ୟ ଘଟଣା ଉପରେ ଆଧାରିତ, ଏହି ଫିଲ୍ମଟି ଅଭିରାଜ ମିନାୱାଲାଙ୍କ ଦ୍ୱାରା ନିର୍ଦ୍ଦେଶିତ । ‘ମର୍ଦ୍ଦାନୀ’ର ପ୍ରଥମ ଭାଗ ୨୦୧୪ରେ ରିଲିଜ ହୋଇଥିଲା । ୫ ବର୍ଷ ପରେ ୨୦୧୯ରେ ମୁକ୍ତିଲାଭ କରିଥିବା ଦ୍ୱିତୀୟ ଭାଗ ଆସିଥିଲା ।



# ଟୋକନ ସମସ୍ୟା ନେଇ ଚାଷୀ ଚିନ୍ତାରେ




**୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ପ୍ରାୟ ଦେଢ ମାସ ବିତିଲାଣି ମାତ୍ର ସମସ୍ତ ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ । ଯେଉଁ ଚାଷୀଙ୍କ ପାଖକୁ ଟୋକନ ପହଞ୍ଚିଛି ସେମାନେ ମଣ୍ଡିରେ ଧାନ ପକାଇଛନ୍ତି । ମାତ୍ର ମିଲର୍ସଙ୍କୁ ଧାନ ଉଠାଇବା ପାଇଁ ଟ୍ୟାଗ ମିଳିନାହିଁ । ମିଲର୍ସ ପାଖକୁ ସରକାରଙ୍କଠାରୁ ଯେତିକି ଟ୍ୟାଗ ଧାନ ବିକ୍ରି ପାଇଁ ଆସିବା କଥା ଆସୁନାହିଁ, ସେଥିପାଇଁ ଚାଷୀଙ୍କ ଧାନ ଖୋଲା ଆକାଶରେ ପଡ଼ି ରହିଛି । ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଯୋଗାଣ ବିଭାଗ ମଧ ହାତ ଟେକି ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି । ମାତ୍ର ଜିଲା ପ୍ରଶାସନଠାରୁ ଯୋଗାଣ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଧାନ କିଣାବିକା ଠିକ୍‌ଠାକ୍ ଚାଲିଥିବା କହୁଥିବା ବେଳେ ବାସ୍ତବରେ କିନ୍ତୁ ଏବେ ବି ଚାଷୀ ଧାନ ବିକ୍ରି କରିପାରୁ ନାହିଁ । ଗୋଟିଏ ପଟେ କଟ୍‌ନୀ ଛଟ୍‌ନୀ ପାଇଁ ଚାଷୀ ଅସନ୍ତୁଷ୍ଟ ରହୁଥିବା ବେଳେ ଅନେକ ଚାଷୀ ସେମାନଙ୍କ ଟୋକନ ତାରିଖ କେବେ ଆସିବ ଓ ସେମାନେ ମଣ୍ଡିକୁ କେବେ ଧାନ ନେବେ ସେହି ଅପେକ୍ଷାରେ ଶୀତ କାକରରେ ନିଜର ଅମଳ ଧାନକୁ ଧରି ଜଗିବସିଛନ୍ତି । ଦିନକୁ କେଉଁ ମଣ୍ଡିରେ କେତେ କ୍ୱିଣ୍ଟାଲ ଧାନ କିଣାଯିବ ତାହା ଯୋଗାଣ ବିଭାଗ ସ୍ଥିର କରୁଛି । ଗୋଟିଏ ମଣ୍ଡିକୁ ଦିନକୁ ମାତ୍ର ୧୫୦ରୁ ୨୦୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆ ହେଉଛି । ଯାହାକି ଧାନ ବିକ୍ରିକୁ ମନ୍ଥର କରି ଦେଇଛି । ପଦ୍ମପୁର ବ୍ଲକ ଉପାନ୍ତ ମଣ୍ଡି ଦହିତା, ଦହିଗାଁ, ବୁଡେନ, ଜମଲା, କନସିଂହା ସମେତ ଉପଖଣ୍ଡର ପାଇକମାଳ, ଝାରବନ୍ଧ, ଗାଇସିଲେଟ ଅଞ୍ଚଳର ୯୨ ଗୋଟି ମଣ୍ଡିରେ ଅଚଳାବସ୍ଥା ଦେଖାଯିବା ସହିତ ଧାନ ବିକ୍ରି ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ସୋମବାର ଶୁଦ୍ଧା ପଦ୍ମପୁର ଉପଖଣ୍ଡ ୯୨ ମଣ୍ଡିରେ ୧୧ ଲକ୍ଷ ୬ ହଜାର ୭୯୩ ପ୍ୟାକେଟ ଧାନ ପଡ଼ି ରହିଥିବା ନିମନ୍ତ୍ରିତ ବଜାର କମିଟିର ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି । ଧାନ ଉଠାଣ ସମ୍ପର୍କରେ ପଦ୍ମପୁର ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ ପଧାନ, ବ୍ଲକ ଯୋଗାଣ ଅଧିକାରୀ ଶୁଭେନ୍ଦୁ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା । ସେହିପରି ଚଳିତବର୍ଷ ସବୁଠାରୁ ବଡ଼ ବ୍ୟତିକ୍ରମ ହେଲା ଟୋକନ ସମସ୍ୟା । ଆଜି ପର୍ଯ୍ୟନ୍ତ ମଧ ଚାଷୀଙ୍କ ଟୋକନ ଆସି ନାହିଁ । ଯେଉଁ ଚାଷୀମାନଙ୍କ ଟୋକନ ଆସିଛି ଧାର୍ଯ୍ୟ ଜମି ପରିମାଣରୁ ବହୁତ କମ ଆସିଛି । ତେଣୁ ଚାଷୀ ସେମାନଙ୍କ ଅମଳ ଧାନ ବାଧ ହୋଇ ଦଲାଲ ହାତରେ ଟେକି ଦେଉଛନ୍ତି ।

## ଆଜିର ରାଶିଫଳ

| ତାରିଖ | ବୁଧବାର– ଏକାଦଶୀ |
|---|---|
| ୧୪.୧.୨୦୨୬ | ନକ୍ଷତ୍ର– ଅନୁରାଧା, ବିଛାଚନ୍ଦ୍ର |



| | |
|---|---|
| ମେଷ | : ଅପମାନ ଯୋଗ ରହିଛି । |
| ବୃଷ | : କର୍ମରେ ଆନନ୍ଦ ପାଇବେ । |
| ମିଥୁନ | : ବନ୍ଧୁମିଳନ ହେବ । |
| କର୍କଟ | : ସମ୍ମାନ ବୃଦ୍ଧି ପାଇବ । |
| ସିଂହ | : କ୍ଳେଶ ବୃଦ୍ଧି ପାଇବ । |
| କନ୍ୟା | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ତୁଳା | : ଗୁରୁଜନ ପ୍ରସନ୍ନ ହେବେ । |
| ବିଛା | : ସୁଖନିଦ୍ରା ଉପଭୋଗ କରିବେ । |
| ଧନୁ | : ଦୁର୍ଘଟଣା ଭୟ ରହିଛି । |
| ମକର | : ପଦୋନ୍ନତି ଯୋଗ ରହିଛି । |
| କୁମ୍ଭ | : କାର୍ଯ୍ୟ ସିଦ୍ଧି ହେବ । |
| ମୀନ | : ଶତ୍ରୁ ଶାନ୍ତି ପାଇବେ । |

## ସହାୟକ କୃଷି ଅଧିକାରୀ ପରୀକ୍ଷା ତାରିଖକୁ ନେଇ ଅସନ୍ତୋଷ

**କାକଟପୁର, ୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଲୋକସେବା ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଫେବ୍ରୁଆରି ୧୯ ତାରିଖ ଦିନ ସହାୟକ କୃଷି ଅଧିକାରୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବା ପାଇଁ ଆୟୋଗ ତରଫରୁ ଘୋଷଣା କରାଯାଇଛି । ଆବେଦନକାରୀଙ୍କ ନିମନ୍ତେ ଦରଖାସ୍ତ ଆହ୍ୱାନର ଶେଷ ତାରିଖ ଜାନୁଆରି ୩୦ ତାରିଖ ରହିଛ । ଆବେଦନକାରୀଙ୍କୁ ପରୀକ୍ଷା ପ୍ରସ୍ତୁତି ପାଇଁ ମାତ୍ର ୧୯ ଦିନ ମିଳୁଛି । ବିଜ୍ଞପ୍ତି ପ୍ରକାଶନର ତାରିଖ ଏବଂ ଲିଖିତ ପରୀକ୍ଷା ତାରିଖ ମଧରେ ସର୍ବନିମ୍ନ ୯୦ ଦିନର ଅବଧି ରହିବା ପରିବର୍ତ୍ତେ ମାତ୍ର ୧୯ ଦିନ ରହୁଥିବାରୁ ବହୁ ଆବେଦନକାରୀ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପରୀକ୍ଷାରେ ଆସିବାକୁ ଥିବା ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ କଷ୍ଟ ତଥା ଦୀର୍ଘ ଉତ୍ତରମୂଳକ ହୋଇଥିବାରୁ ପରୀକ୍ଷାର୍ଥୀମାନଙ୍କ ପାଇଁ ଏତେ କମ୍ ସମୟ ମଧରେ ପ୍ରସ୍ତୁତି ହେବା ଏକ କଷ୍ଟକର ବୋଲି ଇଚ୍ଛୁକ ପରୀକ୍ଷାର୍ଥୀମାନେ କହିଛନ୍ତି ଛପରୀକ୍ଷା ହେବାକୁ ଥିବା ଦିନାଙ୍କଟି ଗୋଟିଏ କାର୍ଯ୍ୟ ଦିବସରେ ପଡୁଥିବାରୁ ଦୂରଦୂରାନ୍ତରୁ ଆସିବାକୁ ଥିବା ପରୀକ୍ଷାର୍ଥୀମାନଙ୍କ ଗମନାଗମନ ଓ ରହଣୀରେ ବାଧା ଉପୁଜିବାର ଆଶଙ୍କା ରହିଛି । ଉପରୋକ୍ତ ସମସ୍ୟାକୁ ବିଚାର କରି ବିଜ୍ଞପ୍ତି ପ୍ରକାଶନର ତାରିଖ ଏବଂ ଲିଖିତ ପରୀକ୍ଷା ତାରିଖ ମଧରେ ସର୍ବନିମ୍ନ ୯୦ ଦିନର ଅବଧି ରଖିବାକୁ ଆଶାୟୀ ପରୀକ୍ଷାର୍ଥୀମାନଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ଅଧକ୍ଷ ଲୋକସେବା ଆୟୋଗ, କୃଷି ମନ୍ତ୍ରୀ, ସଚିବଙ୍କ ନିକଟରେ ଦାବି କରାଯାଇଛି ।

## ବାଇକ୍ ଦୁର୍ଘଟଣାରେ ୪ ଆହତ

**ବୁଗୁଡ଼ା, ୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ସହର ଉପକଣ୍ଠସ୍ଥ ସନ୍ତୋଷୀ ମନ୍ଦିର ନିକଟ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଚାରି ଆରୋହୀ ଆହତ ହୋଇଥିବା ବେଳେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି । ଗୁରୁତର ଭାଇ ଓ ଭଉଣୀ ଦୁଇ ଜଣ ହେଲେ ଧନିଚା ଗ୍ରାମର ପଣ୍ଡୁ ପ୍ରଧାନ(୨୭) ଓ ସୁନିତା ଦଳେଇ(୩୪) ଏବଂ ଆହତ ବାପ ଓ ପୁଅ ହେଲେ କବିସୂର୍ଯ୍ୟନଗର ଗ୍ରାମର ମନୋଜ ଦଳେଇ(୩୪) ଓ ପପୁ ଦଳେଇ(୫) ।

ଘଟଣାରୁ ପ୍ରକାଶ ଯେ, ସୋମବାର ଅପରାହ୍ଣରେ ପଣ୍ଡୁ ତାହାର ଭଉଣୀ ସୁନିତା, ଜ୍ୱାଇଁ ମନୋଜ ଓ ଭଣଜା ପପୁକୁ ବାଇକରେ ବସାଇ ଧନିଚା ଗାଁରୁ ବୁଗୁଡା ନିକଟସ୍ଥ ଚିରିକିପଡା ଶାସନ ଗ୍ରାମକୁ ଯାଉଥିଲେ । ତେବେ ଦ୍ରୁତଗତିରେ ଯାଉଥିବା ବାଇକଟି ବୁଗୁଡାର ସନ୍ତୋଷୀ ମନ୍ଦିର ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡସ୍ଥ ଏକ ଲୁହା ଖମ୍ବକୁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ସୁନିତା ଓ ପଣ୍ଡୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ମନୋଜଙ୍କ ମୁଣ୍ଡ ଫାଟି ଯାଇଥିଲା ଏବଂ ପପୁ ଦୂରକୁ ଫୋପାଡି ହୋଇ ଆହତ ହୋଇଥିଲା । ଏ ନେଇ ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ପଣ୍ଡୁ ଓ ସୁନିତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରିଥିବା ଜଣାଯାଇଛି ।

## ହୋମଗାର୍ଡଙ୍କୁ ମାଡ଼ମାରି ବନ୍ଧା ହେଲେ ଯୁବକ

**ନିଆଳୀ, ୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ଥାନା ଅଧିନସ୍ଥ ନିଆଳୀ ନରିଷ ରୋଡ ସିନେମା ହଲ ଛକରେ ରବିବାର ରାତି ୧୧ଟା ସମୟରେ ରାତି ଡିଉଟିରେ ନିଯୁକ୍ତ ଥିବା କାର୍ଯ୍ୟରତ ହୋମଗାର୍ଡ ସୁବାସ ମଲିକ ସିନେମା ହଲ ଛକରେ ପାଟି ତୁଣ୍ଡ ଶୁଣି ସିନେମା ହଲ ଛକକୁ ଯାଇଥିଲେ । ସେଠାରେ ପାଟିତୁଣ୍ଡ କରୁଥିବା ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅଧିନସ୍ଥ ନରିଶ ଭଗତପଡା ଗ୍ରାମର ରବୀନ୍ଦ୍ର ମହାଲିଙ୍କ ପୁଅ ପିଣ୍ଟୁ କିଶୋର ମହାଳି(୩୨) ହୋମଗାର୍ଡ ସୁବାସ ମଲିକଙ୍କୁ ଗାଳି ଗୁଲଜ କରିବା ଶହ ଧକ୍କା ଓ ଗୋଇଠା ମାରିବାକୁ ପଛାଇ ନଥିଲା । ଖବର ପାଇ ନିଆଳୀ ଥାନା ପୋଲିସ୍ ଅଭିଯୁକ୍ତ ପିଣ୍ଟୁକୁ ରାତିରେ ଥାନାରେ ଅଟକ ରଖିବା ଶହ ସୁବାସଙ୍କ ଅଭିଯୋଗରେ ନିଆଳି ପୋଲିସ୍ ୨୦/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋଟ ଚାଲଣ କରି ତଦନ୍ତ ଜାରି ରଖିଛି ।

## ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ

**ବାଲିଅନ୍ତା, ୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ଥାନା ପୁଲିସ ସୋମବାର ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିବା ସହ ଏହାର ଚାଳକ କଟକ ଜିଲ୍ଲା ବାଙ୍କି ଥାନା ଅଧୀନ କୁସୁଣ୍ଡା ଗ୍ରାମର ବିକାଶ ବେହେରା ( ୩୮ )କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ବାଲିଅନ୍ତା ଥାନାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଏକ ପେଟ୍ରୋଲିଙ୍ଗ ଟିମ ନିଜ ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଂ ଡ୍ୟୁଟି ସମ୍ପାଦନ କରୁଥିବା ବେଳେ, ରାତି ୧୨.୪୫ ସମୟରେ ଏକ ହାଇୱା ଟ୍ରକ ଖୁବ ଦ୍ରୁତଗତିରେ ହଂସପାଳ ପାଶ୍ୱରୁ ଆସୁଥିବା ଦେଖିବାକୁ ପାଇଥିଲେ । ପେଟ୍ରୋଲିଂ ଟିମ ସମ୍ପୃକ୍ତ ଟ୍ରକକୁ ଆଞ୍ଜେଲ୍ ଆପାର୍ଟମେଣ୍ଟ ନିକଟରେ ଅଟକାଇବା ସହ ଛାନଭିନ କରିଥିଲେ । ଛାନଭିନ ସମୟରେ ଉକ୍ତ ଟ୍ରକରେ ବେଆଇନ ବାଲି ଚାଲାଣ ହେଉଥିବା ଜଣାପଡ଼ିଥିଲା । ପୁଲିସ ଅଭିଯୁକ୍ତ ଚାଳକଙ୍କୁ କାବୁ କରିବା ସହ ତାଙ୍କ ହେପାଜତରୁ ବାଲି ଭର୍ତ୍ତି ହାଇୱା ଟ୍ରକକୁ ଜବତ କରିଥିଲେ । ତଦନ୍ତ ସମୟରେ ଅଭିଯୁକ୍ତ ଚାଳକ ଜଣକ, ଟ୍ରକ ମାଲିକ ସୁବ୍ରତ ପଲେଇ ଓରଫ ସିପାଙ୍କ ନିର୍ଦ୍ଦେଶରେ ଏହି ବେଆଇନ ବାଲି ଚାଲାଣ କରୁଥିବା ସ୍ୱୀକାର କରିଥିବା ବେଳେ, ଚାଲାଣ ହେଉଥିବା ବାଲି ସମ୍ପର୍କିତ କୌଣସି ବିଭାଗୀୟ ଅଧିକାରୀଙ୍କ ଅନୁମତି ପତ୍ର ଦେଖାଇପାରିନଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

# ଜାଲ ସିମକାର୍ଡ ପ୍ରସ୍ତୁତି ଅଭିଯୋଗରେ ୪ ଗିରଫ


**ଭଦ୍ରକ, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ପୁଲିସ ବେଆଇନ ସିମ କାର୍ଡ ବ୍ୟବସାୟରେ ଜଡିତ ୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ବେଆଇନ ସିମକାର୍ଡ ବ୍ୟବସାୟ କରି ସାଇବର ଅପରାଧୀଙ୍କୁ ଯୋଗାଇବା ଅଭିଯୋଗରେ ଦିଲ୍ଲୀ ସାହିନବାଗ ପୁଲିସ ଗତ ଡିସେମ୍ବର ୧୦ ତାରିଖରେ ମଞ୍ଜୁରୀରୋଡ ଅଞ୍ଚଳରୁ ଅଭିଯୁକ୍ତ ସନ୍ତୋଷ ଖଣ୍ଡେଇକୁ ଗିରଫ କରିବା ପରେ ସ୍ଥାନୀୟ ପୁଲିସ ଏହି କାରବାର ଉପରେ ଦୃଷ୍ଟି ରଖିଥିଲା। ସନ୍ତୋଷକୁ ଦିଲ୍ଲୀ ପୁଲିସ ସ୍ଥାନୀୟ ଥାନାରେ ପଚରାଉଚରା କରିବା ସମୟରେ ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ କୁଲଣା ଗ୍ରାମର ଦିଲ୍ଲିପ ସାହୁ, ବିଶୋଳଶାସନର ରମେଶ ଚନ୍ଦ୍ର ପରିଡା ଓ ଅନ୍ୟମାନଙ୍କ ସଂପୃକ୍ତି ଜଣାପଡିଥିଲା। କାରବାରରେ ଲିପ୍ତ ସମସ୍ତଙ୍କୁ ଧରିବା ପାଇଁ ଜିଲ୍ଲା ପୁଲିସ ଅଧିକ୍ଷକ ମନୋଜ କୁମାର ରାଉତ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ଏହି ବେଆଇନ କାରବାରରେ ସଂପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ଦିଲ୍ଲିପ କୁମାର ସାହୁ 'ଏୟାରଟେଲମିତ୍ରା'ର ଅଧିକୃତ ସିମକାର୍ଡ ବିକ୍ରେତା ଥିଲେ। 'ଇଲେକଟ୍ରୋନିକ କଷ୍ଟୋମର ଆପ୍ଲିକେସନ ଫର୍ମ', କେୱାଇସି, ବାୟୋମେଟ୍ରିକ ଯାଞ୍ଚ ଆଦି ସମସ୍ତ ନୀତିନିୟମକୁ ଏଡାଇ ଓ ନିରୀହ ଲୋକଙ୍କ ଅଜାଣତରେ ସେମାନଙ୍କ ଆଧାରକାର୍ଡକୁ ଉପଯୋଗ କରି ଗୋଟିଏ ଆଧାର କାର୍ଡରେ ଏକାଧିକ ସିମକାର୍ଡ ଆକ୍ଟିଭ କରିବା ସହ ବହୁ ଦାମରେ ଦିଲ୍ଲିପ ଓ ଅନ୍ୟମାନେ ଅଭ୍ୟାସଗତ ଭାବେ ବିକ୍ରୟ କରିଆସୁଥିଲେ। ବେଆଇନ ସିମକାର୍ଡ ସାଇବର ଅପରାଧରେ ଉପଯୋଗ ହେଉଥିଲା। ପଞ୍ଜାବ ଏସଏଏସ (ସାହିବଜାଦା ଅଜିତ ସିଂ) ନଗର ଥାନାରେ ଗତ ସେପ୍ଟେମ୍ବର ୨୫ ତାରିଖରେ ରୁଜୁ ୧୯/୨୫ନଂ ସାଇବର ମାମଲାର ଅଭିଯୁକ୍ତ ଭାବେ ସ୍ଥାନୀୟ ଅଞ୍ଚଳର ୩ଜଣ ଥିବା ଜଣାପଡିବା ପରେ ପୁଲିସର ମୁଣ୍ଡବିନ୍ଧା ଆରମ୍ଭ ହୋଇଥିଲା। ପଞ୍ଜାବ ପୁଲିସ ଗତ ୬ ତାରିଖରେ ଆସି କୁଲଣା, ଚନ୍ଦ୍ରଭାନୁପର ଗ୍ରାମରେ ଚଢାଉ କରିବା ସହ ଫେରାର ଅଭିଯୁକ୍ତଙ୍କ ନାମରେ ନୋଟିସ ଜାରି କରିଥିଲା। ବାହାର ରାଜ୍ୟ ପୁଲିସ ଗୋଟିକ ପରେ ଗୋଟିଏ ସାଇବର ମାମଲାରେ ଭଣ୍ଡାରିପୋଖରୀ ଥାନା ଅଞ୍ଚଳରୁ ଅଭିଯୁକ୍ତ ଗିରଫ ହେବା ଦ୍ୱାରା ସ୍ଥାନୀୟ ପୁଲିସ ଲଜ୍ଜିତ ହୋଇଥିଲା। ଜାଲ ସିମକାର୍ଡ ବେପାରୀଙ୍କୁ ଧରିବା ପାଇଁ ପୁଲିସ କୁଲଣା, ବିଶୋଳ ଆଦି ଅଞ୍ଚଳରୁ ପର୍ଯ୍ୟାୟ କ୍ରମେ ସନ୍ଦିଗ୍ଧଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ଏହି ସମୟରେ କେତେକ ନେତା ଅଟକ ଥିବା ସନ୍ଦିଗ୍ଧଙ୍କ ସପକ୍ଷରେ ଥାନାକୁ ଯାଇ ପୁଲିସ ଉପରେ ଚାପ ପ୍ରୟୋଗ କରିଥିଲେ । ଗତ ୧୦ ତାରିଖରେ ସବଇନିସପେକ୍ଟର ଗଣନାଥ ସେଠୀଙ୍କ ଅଭିଯୋଗ କ୍ରମେ ଓ ଠୋସ ପ୍ରମାଣ ଆଧାରରେ ଥାନାରେ ୧୪/୨୫ନଂ ମାମଲା ରୁଜୁ କରିଥିଲା। ମୁଖ୍ୟ ଅଭିଯୁକ୍ତ କୁଲଣାର ଦିଲ୍ଲିପ(୩୦), ବିଶୋଳ ଶାସନର କାଳିଆ ଓରଫ ରମେଶ ଚନ୍ଦ୍ର ପରିଡା(୩୭), ଚାନ୍ଦବାଲି ଥାନା ନଳଗୁଣ୍ଡା ଅଞ୍ଚଳର ଗଣେଶ କୁମାର ରାଉତ(୨୫) ଓ ବିଶୋଳଶାସନର ଆଶିଷ କୁମାର ସ୍ୱାଇଁ(୪୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି । ଏହି ବେଆଇନ ର୍‍ୟାକେଟରେ ବହୁ ବ୍ୟକ୍ତି ସଂପୃକ୍ତ ଅଛନ୍ତି ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

## ଯାନ୍ତ୍ରିକ ତ୍ରୁଟି ପାଇଁ ଅଟକିଲା ବନ୍ଦେ ଭାରତ ଏକ୍ସପ୍ରେସ

**ସୋର, ୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**



ସୋର ରେଳ ଷ୍ଟେସନ ନିକଟ ବର୍ତ୍ତି ବଡ଼େଇସାହି ନିକଟରେ ଡାଉନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଯାନ୍ତ୍ରିକ ତ୍ରୁଟି ପାଇଁ ଅଟକି ରହିଥିବା ଜଣାପଡିଛି । ସୂଚନା ଅନୁସାରେ ପୁରୀରୁ ହାଓଡା ଅଭିମୁଖେ ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ସୋମବାର ରାତିରେ ବିଳମ୍ବରେ ଚାଲୁଥିବା ବେଳେ ରାତି ପ୍ରାୟ ୯. ୧୫ ମିନିଟ ସମୟରେ ଏହି ସ୍ଥାନରେ ଯାନ୍ତ୍ରିକ ତ୍ରୁଟି ପାଇଁ ଅଟକି ରହିଛି । ଏଥିପାଇଁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଇଥିବା ଦେଖିବାକୁ ମିଳିଛି । ତେବେ ଟ୍ରେନର ଯାନ୍ତ୍ରିକ ତ୍ରୁଟି ସୁଧାରିବା ପାଇଁ ଖଡ଼ଗପୁରରୁ ଏକ ଟିମ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛ । ତେବେ ଟ୍ରେନଟି ଅଟକି ରହିବା ଫଳରେ ଡାଉନ ଲାଇନରେ ଟ୍ରେନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ପ୍ରାୟ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟ୍ରେନ ଟି ଅଟକି ରହିଥିବା ଦେଖିବାକୁ ମିଳିଛି ।

### ହିନ୍ଦୋଳରେ ଶିକ୍ଷା ବିଭାଗରେ ବ୍ୟତିକ୍ରମ
## ଶିକ୍ଷାଦାନ ବଦଳରେ ଆବର୍ଜନା ସଫା କରାଇଲେ ଶିକ୍ଷକ

**ହିନ୍ଦୋଳ, ୧୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଖଲିବୋରେଇ ଗ୍ରାମ ପଞ୍ଚାୟତ ସ୍ଥିତ ଉତ୍କଳ ଭାରତୀ ବିଦ୍ୟାପୀଠରେ ଏକ ପ୍ରକାର ବ୍ୟତିକ୍ରମ ଦୃଷ୍ଟି ଗୋଚର ହୋଇଛି । ଘଟଣା ଅନୁସାରେ ଗତ ଶନିବାର ଦିନ ୯.୩୦ ରୁ ୧୦ ଘଟିକା ମଧରେ ବିଦ୍ୟାଳୟ ପରିସରରେ ଦୁଇ ଜଣ ଶିକ୍ଷକ କିଛି ନବମ ଶ୍ରେଣୀର ଛାତ୍ରଙ୍କୁ ନେଇ ବିଦ୍ୟାଳୟ ପାଚେରିକୁ ଲାଗି ରହିଥିବା ଅନାବନା ଘାସ କୁଟା ଅଳିଆ ଆବର୍ଜନା ବଛାଇବା ସହ କେତେକଙ୍କୁ ଅନ୍ୟତ୍ର ନେଇ ଫୋପାଡ଼ିବା କାମରେ ଲଗାଇ ଥିବାର ନଜରକୁ ଆସିଥିଲା । ତେବେ ବିଦ୍ୟାଳୟରେ ପାଠପଢା ସମୟରେ ଘାସ ବଛା କାମକୁ



ବିରୋଧ କରି କେତେକ ଗଣମାଧମ ପ୍ରତିନିଧି କାର୍ଯ୍ୟରତ ସଂପୃକ୍ତ ଶିକ୍ଷକ ଦ୍ୱୟଙ୍କୁ ଏନେଇ ପଚରାଉଚରା କରିବାରୁ ସେମାନେ ଏହା ପିଲାମାନଙ୍କ ଏସୟୁପିଡବ୍ଲୁ କାର୍ଯ୍ୟକଳାପ ଭିତରେ ଥିବାରୁ ପିଲାମାନଙ୍କୁ ନେଇ ସମ୍ପାଦନ କରାଯାଉଥିବା ପ୍ରକାଶ କରିଥିଲେ । ଏଭଳି ବ୍ୟତିକ୍ରମ ସମ୍ପର୍କରେ ଆଜି ହିନ୍ଦୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ଶିକ୍ଷାଦାନ ସମୟରେ କାହିଁକି ପିଲାମାନଙ୍କୁ ଏହି ଭଳି କାର୍ଯ୍ୟରେ ନିୟୋଜିତ କଲେ ସେ ନେଇ କାରଣ ଦର୍ଶାଅ ନୋଟିସ୍ ଆକାରରେ ପ୍ରଦାନ କରିବାକୁ କହି ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପଦକ୍ଷେପ ନେବା ପାଇଁ ଜଣେଇବେ ବୋଲି ପ୍ରକାଶ କରିଥିଲେ ।

# ନିଆଁ ଲାଗି ୧୨ ଏକର ଫସଲ ଧ୍ୱଂସ

**ଶେରଗଡ଼, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଧାନ ଅମଳ ବେଳକୁ ଜଉ ପୋକ ଲାଗି ଚାଷୀ ଅସ୍ତବ୍ୟସ୍ତ ହୋଇ ପଡିଥିଲା । ସେଥିରୁ ବର୍ତ୍ତି ଚାଷୀ ଧାନ ଅମଳ କରି ଧାନକୁ ମଣ୍ଡିରେ ବିକି ମହାଜନର ଋଣ ପରିଶୋଧ କରିବା ଲାଗି ଅଣ୍ଟା ଭିଡିଥିବା ବେଳେ ଗତକାଲି ରାତିରେ ଦୁର୍ବୃତ୍ତ ମାନେ ଧାନ ଗଦାରେ ନିଆଁ ଲଗାଇ ଦେଇଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଶେରଗଡ ବ୍ଲକ କୁଲାଗଡ ପଞ୍ଚାୟତ ବାଦଗଡ ଗ୍ରାମରେ । ଚାଷୀ ବିଭିନ୍ନ ସଙ୍କଟ ଦେଇ ଗତି କରୁଥିବା ବେଳେ ହାତ ଉଧାରି, ବ୍ୟାଙ୍କ ଓ ମହାଜନ ଠାରୁ ଋଣ ଆଣି ଧାନ ଚାଷ କରିଥିଲା । ଧାନ ବିଲ ରୁ କାଟି ଗଦା କରି ଅମଳ କରିବା ବେଳକୁ ତାର ସବୁ ଆଶା ପାଣି ଫୋଟକା ଭଳି ମିଳେଇ ଯାଇଛି । ବାଦଗଡ ଗ୍ରାମର ଲୋଚନ ସାହୁଙ୍କ ୭ ଏକର, ସୁନିଳ ସାହୁଙ୍କ ୩ ଏକର, ଗୌରାଙ୍ଗ ସ୍ୱାଇଁଙ୍କ ୨ ଏକର ଧାନ ଅମଳ ଅପେକ୍ଷାରେ ପ୍ରସ୍ତୁତ ହୋଇ ରହିଥିଲା । ସରକାରୀ ମଣ୍ଡିରେ ଟୋକନ ଆସିଲେ ସେସବୁ ଧାନକୁ ଅମଳ କରି ମଣ୍ଡିକୁ ଦିଆଯାଇଥାନ୍ତା । ହେଲେ ସେ ଆଶା ଆଶାରେ ହିଁ ରହିଗଲା । ଗତକାଲି ରାତିରେ ଦୁର୍ବୃତ୍ତମାନେ ଏହି ଧାନଗଦାରେ ଅଗ୍ନି ସଂଯୋଗ କରି ଉକ୍ତ ସ୍ଥାନରୁ ଚାଲି ଯାଇଥିଲେ । ନିଆଁର ଗତି ଅଧିକ ହେବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ । ନିଆଁ ଅଣାୟତ୍ତ ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଏହାପରେ ଧରାକୋଟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ କିନ୍ତୁ ସେତେବେଳକୁ ଧାନଗଦା ସମ୍ପୂର୍ଣ୍ଣ ପୋଡି ଛାରଖାର ହୋଇ ଯାଇଥିଲା । ଧାନଗଦା ଜଳୁଥିବା ଦେଖି ଚାଷୀ ମୁଣ୍ଡ ପିଟି କାନ୍ଦି ବେହୋସ ହୋଇ ପଡୁଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ କଥା ତିନି ଚାଷୀ ଲୋଚନ ସାହୁ, ସୁନିଳ ସାହୁ, ଗୌରାଙ୍ଗ ସ୍ୱାଇଁ କୌଣସି ଦୁର୍ବୃତ୍ତ ଜାଣିଶୁଣି ଧାନଗଦା ରେ ନିଆଁ ଲଗାଇ ଦେଇଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି ଏବଂ କରିଥିବା ଋଣ କିପରି ପରିଶୋଧ କରିବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି । ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି । ମଣିଷ ଦାଉରେ ଧାନଗଦା ଜଳୁଥିବା ବେଳେ ଚାଷୀର ଜୀବନ ମଧ ବିପନ୍ନରେ ଅଛି । ଅନ୍ନଦାତାର ଏ କଷ୍ଟ ଆଉ କେତେ ଦିନ ତାକୁ ନେଇ ଚାଷୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବସୁଧା ଯୋଜନା ବାଟବଣା

**କର୍ଲାମୁଣ୍ଡା, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ସମସ୍ତଙ୍କୁ ପିଇବାପାଣି ଯୋଗାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ବସୁଧା ଯୋଜନାରେ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଟେଣ୍ଡର ଜରିଆରେ ବ୍ୟବସ୍ଥା କରିଛନ୍ତି । ଯୋଜନାଗୁଡିକ ଠିକ ସମୟରେ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ସାଧାରଣ ଲୋକଙ୍କ ପାଇଁ ବସୁଧା ଭଳି ଯୋଜନା ଅପହଞ୍ଚ ହୋଇରହୁଛି । ଏଭଳି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଦେଖିବାକୁ ମିଳିଛି । ବ୍ଲକର ପୁଟୀଗା ଉତ୍ତେଇ ନଦୀରୁ ସ. ମାଲପଡା ଗ୍ରାମପଞ୍ଚାୟତର ପୁଟୀଗା ଓ ରାଜପୁର ଗ୍ରାମପଞ୍ଚାୟତର ବାଞ୍ଜିପଦର ପାଇଁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ୬ କୋଟି ୭୫ ଲକ୍ଷ ଟଙ୍କା ଅଟକଳରେ ଟେଣ୍ଡର ଜରିଆରେ ଜଣେକ ଠିକାଦାରଙ୍କ ଦ୍ୱାରା ତିନିବର୍ଷ ତଳେ



କାର୍ଯ୍ୟ ଆରମ୍ଭ ହୋଇଥିଲା । ଉଭୟ ଗାଁରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ ଅନ୍ୟାନ୍ୟ କାର୍ଯ୍ୟ ହୋଇପାରି ନ ଥିବାରୁ ପୁଟୀଗା, ରାଜପୁର, ବାଞ୍ଜିପଦର ଗ୍ରାମବାସୀଙ୍କ ପାଇଁ ବସୁଧା ଯୋଜନା ଅପହଞ୍ଚ ହୋଇ ରହିଛି । ବିଶେଷ ଭାବେ ପୁଟିଗାଁରେ ଲୋକଙ୍କ ଘରକୁ ଘର ପାଇପ ସଂଯୋଗ ହୋଇଥିଲେ ହେଁ ପାଣି ଆସୁ ନ ଥିବା ଗ୍ରାମର ମନୋଜ କୁମାର ସାହୁ ଅଭିଯୋଗ କରିଛନ୍ତି । ଉକ୍ତ ପ୍ରକଳ୍ପ ୨୦୨୪ ଜୁଲାଇରେ ସମ୍ପୂର୍ଣ୍ଣ ହେବାକୁ ନିୟମ ରହିଥିବାବେଳେ ପ୍ରକଳ୍ପ ଧାର୍ଯ୍ୟ ସମୟରେ ଶେଷପାରୁ ନାହିଁ । ଏ ନେଇ କର୍ଲାମୁଣ୍ଡା ବ୍ଲକ ଦାୟିତ୍ୱରେ ଥିବା ନର୍ଲା ବ୍ଲକ ବିଭାଗୀୟ ଯନ୍ତ୍ରୀ ପ୍ରଭାତ କୁମାର ସେଠୀଙ୍କୁ ପଚାରିବାରୁ ପ୍ରକଳ୍ପ କାର୍ଯ୍ୟକ୍ଷମରେ ବିଳମ୍ବ ହେଉଥିବାକୁ ସ୍ୱୀକାର କରିବା ସହ ଠିକାଦାରଙ୍କ ବିଲ୍ ପାଇବାରେ ବିଳମ୍ବ ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏବେ କମ ଦିନ ଭିତରେ ପୁଟିଗାଁ ସମସ୍ୟାକୁ ସମାଧାନ କରାଯିବା ସହିତ ରାଜପୁର ପଞ୍ଚାୟତରେ ମଧ ବକେୟା ଥିବା କାର୍ଯ୍ୟକୁ ଶୀଘ୍ର ସାରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ।

# ବେଶାଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

**ଢେଙ୍କାନାଳ, ୧୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡାପଡା ବ୍ଲକ୍ ଗୁଣ୍ଡିଚାପଡା ପଞ୍ଚାୟତର ବେଶାଳିଆ ଗ୍ରାମ ଏକ ଐତିହ୍ୟପୂର୍ଣ୍ଣ ଗଡ ଭାବେ ଜଣାଶୁଣା । ଏହି ଗଡରେ ରାଜା ଶ୍ରୀଧର ଭ ରାଜତ୍ୱ କରୁଥିଲେ ଯିଏ ଢେଙ୍କାନାଳର ଢେଙ୍କା ଶବରକୁ ଗରିଲା ଯୁଦ୍ଧରେ ନିହତ କରି ଢେଙ୍କାନାଳ ହାତେଇଥିଲେ । କଳାପାହାଡ ଆକ୍ରମଣ ଭୟରେ ପାତାଳି ହୋଇଥିବା ଶ୍ରୀ ସିଦ୍ଧ ବଳରାମଙ୍କ କମନୀୟ ପାଶାଣ ବିଗ୍ରହଙ୍କୁ ବର୍ତ୍ତମାନର ଡେଙ୍ଗବୋରେଇସ୍ଥିତ ଠାକୁରା ପୋଖରୀ ହୁଡାରୁ ପୁନରୁଦ୍ଧାର କରି ଢେଙ୍କାନାଳ ଗଡରେ ଅବସ୍ଥାପିତ କରାଇଥିଲେ । ଏହି ଐତିହ୍ୟପୂର୍ଣ୍ଣ ଗଡରେ ସ୍ୱାଧୀନୋତ୍ତର ସମୟରେ ୧୯୬୨ରୁ ଖୋଲାଯାଇଥିଲା ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ୬୪ବର୍ଷର




ଏହି ପ୍ରାଚୀନ ବିଦ୍ୟାଳୟରେ ସଂପ୍ରତି ୬ଷ୍ଠ ଠାରୁ ୮ମ ଶ୍ରେଣୀ ମଧରେ ୪୫ଜଣ ବାଳିକା ଓ ୩୬ଜଣ ବାଳକ ଅଧ୍ୟୟନ କରୁଛନ୍ତି । କିନ୍ତୁ କଥିତ ବର୍ଷ ମଧରେ ଗଣଶିକ୍ଷା ବିଭାଗର ସୁଦୃଷ୍ଟି ଅଭାବରୁ ବିଦ୍ୟାଳୟର ପୂର୍ବପଟ ଏବଂ ଜଙ୍ଗଲ ପରିବେଷ୍ଟିତ ଉତ୍ତରପଟ, ପ୍ରାଚୀର ଅଭାବରୁ ସେମିତି ଖୋଲା ପଡିରହିଛି । ରାସ୍ତାପାର୍ଶ୍ୱ ଦକ୍ଷିଣ ପଟେ ପ୍ରାଚୀର ଥିଲେ ବି ପ୍ରବେଶ ପଥରେ କୌଣସି ଫାଟକ ଲାଗିନାହିଁ । ଯାହାଫଳରେ ହାତୀ ଭୟ ସାଙ୍ଗକୁ ମଦୁଆଙ୍କ ପ୍ରାଦୁର୍ଭାବ ବଢି ବଢି ଚାଲିଛି । ସଂଧ୍ୟା ପରେ ବିଦ୍ୟାଳୟ ବାରଣ୍ଡାରେ ଜମୁଛି ମଦର ଆସର । ସକାଳୁ କୋମଳମତି ବାଳକବାଳିକା ଆସି ଦେଖୁଛନ୍ତି ଯେ, ବିଦ୍ୟାଳୟ ବାରଣ୍ଡାରେ ଗଡୁଛି ମଦ ବୋତଲ ଓ ଅଇଁଠା ଖଲିଚଉପତି ସାଙ୍ଗକୁ କୁକୁଡା ହାଡ ଓ ମାଛ କଣ୍ଟା । ଯେତେ ସଫା କଲେ ବି, ପୁଣି ସେହି ସମାନ ଅବସ୍ଥା । ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଓ କିଛି କର୍ମକର୍ତ୍ତା ବରିଷ୍ଠ ଜନନାୟକ ତଥା ସାମ୍ବାଦିକ ଡ. ରାଧାନାଥ ରଥଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ପାଳନ ଉପଲକ୍ଷେ ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଯାଇ ଏହି ଅବସ୍ଥାର ଚାକ୍ଷୁଷ ଅନୁଧ୍ୟାନ କରିଥିଲେ । କେବଳ ସେତିକି ନୁହେଁ ଦୀର୍ଘବର୍ଷ ଧରି ସଂପୃକ୍ତ ବିଦ୍ୟାଳୟର ଦୁଇଟି ପ୍ରକୋଷ୍ଠ ବିପଦପୂର୍ଣ୍ଣ ଘୋଷିତ ହୋଇ ଅବ୍ୟବହୃତ ଭାବେ ପଡି ରହିଛି । ବିଦ୍ୟାଳୟ ଛାତ ଓ କଡିର କଳଙ୍କିଲଗା ଲୁହାରଡ ସାମ୍ନାକୁ ଦେଖାଯାଉଛି । ଜିଲ୍ଲା ମୁଖ୍ୟାଳୟ ଠାରୁ ମାତ୍ର ୭/୮ କି.ମି. ଦୂରରେ ଅବସ୍ଥିତ ଏହି ବିଦ୍ୟାଳୟର ଦୂରାବସ୍ଥା ଗଣଶିକ୍ଷା ବିଭାଗ କର୍ମକର୍ତ୍ତାଙ୍କ ଦୃଷ୍ଟିଗୋଚର ହେଉନାହିଁ । ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ଶିକ୍ଷାଧିକାରୀ ବିଦ୍ୟାଳୟର ଦୂରାବସ୍ଥା ସଂପର୍କରେ ନିଜେ ଅବଗତ ହୋଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଦ୍ମଭୂଷଣ ଡ. ରାଧାନାଥ ରଥ ଜୟନ୍ତୀ କମିଟି–ଢେଙ୍କାନାଳ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ ନିବେଦନ କରିଛନ୍ତି ।

ଛୋଟ ଛୋଟ ପିଲାମାନଙ୍କଠାରେ ଅପରାଧ ପ୍ରବଣତା ବଢ଼ୁଛି କାହିଁକି? କୈଶୋରର ଗୁଣ ତା'ଠାରୁ ଅପସରି ଯାଇ ସିଏ ଏତେ ଶୀଘ୍ର କଠୋର ଏବଂ କ୍ରୁର କେମିତି ହୋଇପାରୁଛି? ଏହା ଉପରେ ଗବେଷଣାର ଆବଶ୍ୟକତା ରହିଛି, ନହେଲେ ଏମାନେ ହିଁ ଆଗକୁ କୁଖ୍ୟାତ ଅପରାଧୀମାନଙ୍କ ହାତବାରିସୀ ହୋଇପାରନ୍ତି– ଏଭଳି ସମ୍ଭାବନାକୁ ଏଡାଇଦେଇ ହେଉନି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୪ ଜାନୁଆରୀ, ୨୦୨୬ | ବୁଧବାର

# ଓଡ଼ିଶା ଏକ୍ସପ୍ରେସ୍


## କଅଁଳ ବୟସରେ ଅପରାଧ ପ୍ରବଣତା

କିଶୋରମାନେ ମଧ୍ୟ ଅପରାଧ ଘଟାଉଥିବା ଖବର ପ୍ରକାଶ ପାଉଛି । ଏ ସଂଖ୍ୟା ବଢ଼ୁଛି । ହତ୍ୟାକାଣ୍ଡ ଭଳି ଜଘନ୍ୟ ଘଟଣା ମଧ୍ୟ ଘଟାଉଛନ୍ତି ନାବାଳକମାନେ । ଚିନ୍ତାଶୀଳ ଏବଂ ସଚେତନ ବ୍ୟକ୍ତିଙ୍କ ପାଇଁ ଏହା ଏକ ଚିନ୍ତାର କାରଣ ପାଲଟିଛି । ଏ ବୟସରୁ ଏଭଳି ମାନସିକତା ସୃଷ୍ଟି ହେଲେ ଏହା ଆଗକୁ ସମାଜ ପାଇଁ ଯେ ବିପଦ ସୃଷ୍ଟି କରିବ ଏ ସମ୍ଭାବନାକୁ ଏଡାଇ ଦେଇହେଉନି ।

ନିକଟରେ ପ୍ରକାଶିତ କେଇଟି ଖବର ଖୁବ୍ ଉଦ୍‌ବେଗଜନକ ।

ସ୍କୁଲ୍ ଛାତ୍ରଙ୍କ ପକେଟରେ ବନ୍ଧୁକ– ଏଭଳି ଏକ ଖବର ନିକଟରେ ପ୍ରକାଶ ପାଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅନ୍ତର୍ଗତ କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରଙ୍କଠାରୁ ଏକ ବନ୍ଧୁକ ଓ ଗୁଳି ଜବତ ହେବା ପରେ ଘଟଣାଟି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ସ୍କୁଲ୍‌ର ଗଣିତ ଶିକ୍ଷକ ନବମ ଶ୍ରେଣୀରେ ପାଠ ପଢ଼ାଉଥିବା ବେଳେ ଜଣେ ଛାତ୍ରଙ୍କ ପକେଟ୍ ଉଚ୍ଚା ଦେଖାଯିବାରୁ ଶିକ୍ଷକ ଜଣକ ଯାଞ୍ଚ କରିଥିଲେ ଏବଂ ଛାତ୍ରଟିର ପକେଟ୍‌ରେ ଏକ ବନ୍ଧୁକ ଥିବା ଦେଖାଯାଇଥିଲା । ପ୍ରଧାନଶିକ୍ଷକଙ୍କୁ ଅବଗତ କରାଇବା ପରେ ତାଙ୍କ ରିପୋର୍ଟକ୍ରମେ ଥାନା ପୋଲିସ ତତ୍କାଳ ସ୍କୁଲ୍‌ରେ ପହଞ୍ଚି ଛାତ୍ରଙ୍କଠାରୁ ବନ୍ଧୁକ ଓ ଗୁଳି ଜବତ କରିଥିଲେ । ଛାତ୍ରଜଣଙ୍କ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାକୁ କାବୁ କରିଥିଲେ । ଛାତ୍ରଜଣକଙ୍କ ନାମରେ ଥାନାରେ ଏତଲା ଦାଏର କରାଯାଇଥିଲା ।

ପ୍ରଶ୍ନ ଉଠିପାରେ ସ୍କୁଲ୍ ବୟସର ପିଲାଟି ପାଖକୁ ବନ୍ଧୁକ ଆସିଲା କୁଆଡୁ? ସିଏ ଆଣିଲା କେଉଁଠୁ? ସେ ପିଲାର ପରିବାରରେ ଏଭଳି କୌଣସି ସଦସ୍ୟ ଅଛନ୍ତିକି ଯାହା ପାଖରେ ବନ୍ଧୁକ ରହିପାରେ– ଏଭଳି ଆଶଙ୍କା ମଧ୍ୟ ଦେଖାଦେଇପାରେ । ପିଲାଟି ଉପରେ ଘର ଲୋକଙ୍କ ପ୍ରଭାବ ମଧ୍ୟ ପଡ଼ିଥାଇପାରେ । କିନ୍ତୁ ଏକଥା ସତ ଯେ ମୋବାଇଲ୍‌ରେ ଉପଲବ୍ଧ ଅପରାଧିକ ଘଟଣାର ଦୃଶ୍ୟ ହିଁ ଛୋଟ ଛୋଟ ପିଲାଙ୍କ ମନରେ ଅପରାଧିକ ଭାବନା ସୃଷ୍ଟି କରୁଛି । ରାଗ ବା କ୍ରୋଧ ସୁଝାଇବା ପାଇଁ ପିଲାଟିଏ ବନ୍ଧୁକ ମଧ୍ୟ ବ୍ୟବହାର କରୁଛି ସେଇଭଳି ଦୃଶ୍ୟ ଟିଭି ଏବଂ ମୋବାଇଲ୍‌ରେ ଦେଖିଦେଖି । ମୋବାଇଲ୍‌ରେ ପିଲାଏ କ'ଣ ଦେଖୁଛନ୍ତି ଏ ଖବର ବାପା ମା' ରଖୁନାହାନ୍ତି ପିଲାଙ୍କ ପାଠପଢ଼ା ପାଇଁ ତାଙ୍କ ହାତରେ ମୋବାଇଲ ଧରାଇଦେବା ପରେ ।

ସଦ୍ୟ ପ୍ରକାଶିତ ଆଉ ଦୁଇଟି ଖବର ଆହୁରି ଚିନ୍ତାଜନକ । ଏକ ଖବରରେ ବ୍ରହ୍ମପୁର ସହର ଉପକଣ୍ଠ ଫୁଲଟା ଉଚ୍ଚବିଦ୍ୟାଳୟରେ ଘଟିଥିବା ଘଟଣା ଅନେକଙ୍କୁ ଚିନ୍ତାରେ ପକାଇଥିବ । ସାମାନ୍ୟ ବଚସାରୁ ଦଶମ ଶ୍ରେଣୀ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି କିଛି ଅଣଛାତ୍ର ।

ଆଉ ଏକ ଖବର ହେଉଛି– ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ସମାଟାଙ୍ଗି ଗାଁରେ ବିଦ୍ୟାଳୟ ଭିତରେ ଜଣେ ୬ଷ୍ଠ ଶ୍ରେଣୀର ଛାତ୍ରଙ୍କୁ ୭ମ ଶ୍ରେଣୀର ଅନ୍ୟଜଣେ ଛାତ୍ର ଛୁରୀ ଭୁସି ଦେଇଛି । ଗତ ୯ ତାରିଖରେ ଘଟିଥିବା ଏହି ଘଟଣା ୪ଦିନ ପରେ ପଦାକୁ ଆସିଛି । ଛାତ୍ରଜଣକ ଚିକିତ୍ସାଧୀନ ଅଛନ୍ତି । ଆହତ ଛାତ୍ରଙ୍କ ବାପା–ମା' କାମାକ୍ଷାନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି ।

ଛୋଟ ଛୋଟ ପିଲାମାନଙ୍କଠାରେ ଅପରାଧ ପ୍ରବଣତା ବଢୁଛି କାହିଁକି? କୈଶୋରର ଗୁଣ ତା'ଠାରୁ ଅପସରି ଯାଇ ସିଏ ଏତେ ଶୀଘ୍ର କଠୋର ଏବଂ କ୍ରୁର କେମିତି ହୋଇପାରୁଛି? ଏହା ଉପରେ ଗବେଷଣାର ଆବଶ୍ୟକତା ରହିଛି, ନହେଲେ ଏମାନେ ହିଁ ଆଗକୁ କୁଖ୍ୟାତ ଅପରାଧୀମାନଙ୍କ ହାତବାରିସୀ ହୋଇପାରନ୍ତି– ଏଭଳି ସମ୍ଭାବନାକୁ ଏଡାଇଦେଇ ହେଉନି ।

## ରଣପୁର ଗଡ଼ ଶ୍ରୀସ୍ୱପ୍ନେଶ୍ୱର



### ଇତିହାସର ଇତି କଥା

**ସତ୍ୟବାଦୀ ବଳିଆରସିଂହ**

ଦିଶେ ପ୍ରାଚୀନ ଦିଗେ କୈଳାସ–ଧବଳ
ସୁନ୍ଦର ମନ୍ଦିର ସ୍ୱପ୍ନେଶ୍ୱରଙ୍କର ।
ସବୁ ଶିରୀ ସୁଧା ଗୋଳିକି ବିଧାତା
ବୋଳିଦେଲେ ତହିଁ, ଧନ୍ୟ ସେ ନିର୍ମାତା ।
ଯାଇଛି ଦର୍ଶନ ପାଇଁ ବହୁଧର
ମନ୍ଦିର ଗହ୍ୱର ଦିଶେ ଭୟଙ୍କର ।
ବାୟୁ ସଂଚାଳନେ ସେ ଗହର ସ୍ୱର
କବା ସୁସୁକାର ଉଗ୍ର ନାଗଙ୍କର ।
ସଦା ସୁରଭିତ ଗନ୍ଧ ଗୁଣମୟୀ
ପୃଥିବୀ ଉପରେ ଦେବ ଅଛି ହି ।
ସେଠାରେ ଦିଶଇ ସର ମନୋହର
ତା' ରୂପର ସତେ ନାହିଁ ପଟ୍ଟାନ୍ତର ।
(ମଣିନାଗେ–ବଳରାମ ସ୍ୱାଇଁ)

ଜାତୀୟ ରାଜପଥ–ଖୋର୍ଦ୍ଧା–ଟାଙ୍ଗି ମଧ୍ୟଭାଗରେ ଜଙ୍କିଆଠୁ ନୂଆ ଜଗନ୍ନାଥ ସଡ଼କର ପଶ୍ଚିମ ଦିଗରେ ୨୨ କି.ମି. ପରେ ପଡ଼େ ରଣପୁର ଗଡ଼ । ଏହି ସ୍ଥାନକୁ ରାଜ–ସୁନାଖଳା ଠାରୁ ୧୩ କି.ମି. ଦକ୍ଷିଣରେ ଏବଂ ଚାନ୍ଦପୁରଠାରୁ ଉତ୍ତରରେ ୧୮ କି.ମି. ଦୂରତାରେ ରଣପୁର ଗଡ଼ । ମଣିନାଗ ପାହାଡ଼ ତଳେ ଥିବା ରଣପୁର ରାଜ୍ୟ ବହୁ ପୁରାତନ । ଇତିହାସ କହେ ଖ୍ରୀ.ପୂ. ୧୭୨୭ରେ ରଣପୁର ରାଜବଂଶ ସ୍ଥାପିତ ହୋଇଥିଲା । ସାରା ଭାରତର କୌଣସି ରାଜବଂଶର ଏତେ ଲମ୍ବା ଇତିହାସ ନାହିଁ । ରଣପୁର ଗଡ଼ର ପୂର୍ବ ଦିଗରେ ଶାମୁକା ସାହି ପରେ ପଡ଼େ ଏହି ସ୍ୱପ୍ନେଶ୍ୱର ମନ୍ଦିର । ଦ୍ୱିତୀୟ ଶ୍ରୀକ୍ଷେତ୍ର ରୂପେ ପରିଚିତ ରଣପୁରର ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ପ୍ରାୟ ଦେଢ଼ କି.ମି. ଗଲେ ପଡ଼େ ଏହି କମନୀୟ ମନ୍ଦିର । ରଣପୁରର ୯୪ତମ ରାଜା ଚନ୍ଦ୍ରଶେଖର ସିଂହ ନରେନ୍ଦ୍ର (ଖ୍ରୀ. ୧୫୧୭ରୁ ୧୫୨୯)ଙ୍କ ଦ୍ୱାରା ଏହି ମନ୍ଦିର ନିର୍ମିତ ହୋଇଥିଲା । ଏହି ମନ୍ଦିର ନିର୍ମାଣ ନେଇ ଏକ କିମ୍ବଦନ୍ତୀ ଅଛି । ଗାଈ ଗୋଠରୁ ଗୋଟିଏ ଗାଈ ବାହାରି ଆସି ଏକ ବାଉଁଶ ବୁଦା ମଧ୍ୟସ୍ଥ ଏକ ନିର୍ଦ୍ଦିଷ୍ଟ ଶିଳା ଉପରେ ଦୁଗ୍ଧ ସ୍ରାବ କରେ । ଗାଈ ଜଗୁଆଳ ଏବଂ ଅନ୍ୟମାନଙ୍କର ଅଜାଣରେ ଏହି କାର୍ଯ୍ୟ ହେଉଥିଲା । ରାଜାଙ୍କ ନିକଟରେ ଉକ୍ତ ବିଷୟ ପହଞ୍ଚିବା ପୂର୍ବରୁ ସ୍ୱପ୍ନାବିଷ୍ଟ ରାଜା ଉକ୍ତ ସ୍ଥାନକୁ ଯାଇ ଶିବଲିଙ୍ଗ ଉପରେ ଗୋପଦ ଚିହ୍ନ ଦେଖି ଠାକୁରଙ୍କ ନାମ 'ସ୍ୱପ୍ନେଶ୍ୱର ଦେବ' ନାମରେ ନାମିତ କଲେ । ରାଜା ଶ୍ରୀଜୀଉଙ୍କ ନିକଟରେ ଏକ ପୁଷ୍କରିଣୀ ଖୋଳାଇ ସେଥିରୁ ବାହାରିଥିବା ପଥର ଓ ଅନ୍ୟ ପଥର ମିଶାଇ ଏକ ସୁନ୍ଦର ମନ୍ଦିର ନିର୍ମାଣ କଲେ । ରଣପୁର ଗଡ଼ ଓ ମଙ୍ଗରାଜପୁର ରାସ୍ତାର ଦକ୍ଷିଣ ଦିଗରେ ସ୍ୱପ୍ନେଶ୍ୱର ମନ୍ଦିର ଅବସ୍ଥିତ । ଏହାର ଉଚ୍ଚତା ୬୨ ଫୁଟ ଥିବାବେଳେ ମୁଖଶାଳାର ଉଚ୍ଚତା ୩୫ ଫୁଟ । ଜଗମୋହନର ଉଚ୍ଚତା ୨୫ ଫୁଟ ।

**ମନ୍ଦିର ବେଢ଼ା ଓ ପାରିପାର୍ଶ୍ୱିକ ଅବସ୍ଥା :** ସ୍ୱପ୍ନେଶ୍ୱର ଦେବଙ୍କ ସିଂହଦ୍ୱାର ଉତ୍ତର ଦିଗରେ ଅବସ୍ଥିତ । ଏହି ଦ୍ୱାର ଦେଶରେ ଦୁଇଗୋଟିଏ ସିଂହ ମୂର୍ତ୍ତି ରହିଛନ୍ତି । ଏହି ଦ୍ୱାର ଦେଇ ସମସ୍ତ ଭକ୍ତ ଭକ୍ତାମାନେ ମନ୍ଦିର ବେଢ଼ାକୁ ପ୍ରବେଶ କରନ୍ତି । ମନ୍ଦିର ବେଢ଼ା ମଧ୍ୟରେ ସିଂହଦ୍ୱାରକୁ ଲାଗି ରହିଛି ଦୋଳମଣ୍ଡପ । ଦୋଳପୂର୍ଣ୍ଣମୀ ଦିଗ ଶ୍ରୀସ୍ୱପ୍ନେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଏଠାରେ ଦର୍ଶନ ଦିଅନ୍ତି । ବେଢ଼ାର ପୂର୍ବଭାଗରେ ଯଜ୍ଞ ମଣ୍ଡପ । ଏଠାରେ ପ୍ରତିବର୍ଷ ଶିବରାତ୍ରି (ଜାଗର) ଦିଗ ଅଷ୍ଟପ୍ରହରୀ ନାମସଂକୀର୍ତ୍ତନ ଉତ୍ସବ ପାଳନ କରାଯାଏ । ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଦୁଇଟି ରୋଷଘର ବିଦ୍ୟମାନ । ମନ୍ଦିର ଗାତ୍ରରେ ଦକ୍ଷିଣ ଦିଗକୁ ଶ୍ରୀଗଣେଶ, ପଶ୍ଚିମ ଦିଗରେ ଶ୍ରୀକାର୍ତ୍ତିକେୟ ଏବଂ ଉତ୍ତର ଦିଗରେ ଦେବୀ ପାର୍ବତୀଙ୍କ ମୂର୍ତ୍ତି ପୂଜିତ ହେଉଛନ୍ତି । ମନ୍ଦିରର ଉତ୍ତର ଦିଗରେ ୩୩ ଫୁଟ ଉଚ୍ଚତା ବିଶିଷ୍ଟ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ଏବଂ ମୁଖଶାଳା ୩୨ ଫୁଟ । ଉକ୍ତ ମନ୍ଦିର ସମ୍ମୁଖରେ ଏକ କୂପ ରହିଅଛି । କୂପ ନିକଟରେ ଷ୍ଟିଲ୍ ନିର୍ମିତ ଏକ ପ୍ରକାଣ୍ଡ ତ୍ରିଶୂଳ ସ୍ଥାପନ କରାଯାଇଛି । ବେଢ଼ାର ପଶ୍ଚିମ ଦିଗକୁ ମା' ବାଟମଙ୍ଗଳାଙ୍କ ମନ୍ଦିର ଏବଂ ମନ୍ଦିର କାର୍ଯ୍ୟାଳୟ ବିଦ୍ୟମାନ ।

**ମୁଖ୍ୟ ମନ୍ଦିର ଓ ନାଟମଣ୍ଡପ :** ମୁଖ୍ୟ ମନ୍ଦିରର ମୁଖଶାଳା ପ୍ରବେଶପଥରେ ଦ୍ୱାରଦେଶରେ ଭଗବାନଙ୍କ ଦ୍ୱାରରକ୍ଷୀ କମନୀୟ ନନ୍ଦୀ ଓ ଭୃଙ୍ଗୀ ଏବଂ ତୋରଣ ଉପରେ ନବଗ୍ରହ ବିଗ୍ରହ ରହିଅଛନ୍ତି । ମୁଖଶାଳା ମଧ୍ୟରେ ବୃଷଭ ସ୍ତମ୍ଭ ଉପରେ ଶ୍ରୀଜୀଉଙ୍କ ଦିଗକୁ ମୁଖକରି ବିରାଜମାନ କରିଛନ୍ତି । ମୁଖ୍ୟ ମନ୍ଦିର ମଧ୍ୟରେ ଶ୍ରୀଶିବଶକ୍ତି (ଲିଙ୍ଗ) ଓ ଚଳନ୍ତି ପ୍ରତିମା ବିରାଜିତ । ଶିବଶକ୍ତିଙ୍କୁ ପରିବେଷ୍ଟିତ ହୋଇ ରହିଛନ୍ତି ତମ୍ବା ନିର୍ମିତ ସର୍ପରାଜ । ଲିଙ୍ଗୋପରି ଦୃଷ୍ଟିଗୋଚର ହୁଅନ୍ତି ଶ୍ରୀମହାଦେବଙ୍କର ପ୍ରସ୍ତର ମୂର୍ତ୍ତି । ଉକ୍ତ ତ୍ର୍ୟମ୍ବକଦେବ ଅଷ୍ଟଭୁଜା । ଗୋଟିଏ ହସ୍ତରେ ଅକ୍ଷମାଳା, ଦ୍ୱିତୀୟ ହସ୍ତରେ ମୃଗମୁଦ୍ରା, ପ୍ରହସ୍ତରେ ଅମୃତକଳସ ନେଇ ସ୍ୱମସ୍ତକ ଆପ୍ଲାଦିତ କରିଅଛନ୍ତି । ଅନ୍ୟ ଦୁଇ ହସ୍ତ କଳସକୁ ଧାରଣ କରିଛନ୍ତି । ଅନ୍ୟ ଦୁଇ ହସ୍ତ ସ୍ୱଅଙ୍କରେ ସଂସ୍ଥାପନ କରିଛନ୍ତି । ଶ୍ୱେତପଦ୍ମ ଉପରେ ବିରାଜମାନ କରିଥିବା ମହାଦେବଙ୍କର ମୁକୁଟରେ ବାଳଚନ୍ଦ୍ର ଏବଂ ମୁଖମଣ୍ଡଳରେ ତ୍ରିନେତ୍ର ଚୂଡ଼ା ଶୋଭାୟମାନ । ଶ୍ଳୋକରେ ଏହା ନିମ୍ନମତେ ବର୍ଣ୍ଣିତ ହୋଇଛି ।

ହସ୍ତାଭ୍ୟାଂ କଳଶଦ୍ୱୟାମୃତର
ସୈରାପ୍ଲାବୟନ୍ତଂ ଶିରୋ
ଦ୍ୱାଭ୍ୟାଂ ତୌ ଦଧତଂ ମୃଗାକ୍ଷବଳୟେ
ଦ୍ୱାଭ୍ୟାଂ ନହନ୍ତଂପରମ୍
ଅଙ୍କନ୍ୟସ୍ତ କରଦ୍ୱୟାମୃତ ଘଟଂ
କୈଳାସକାନ୍ତଂ ଶିବଂ
ସ୍ୱଚ୍ଛାମ୍ଭୋଜଗତଂ ନବେନ୍ଦୁମୁକୁଟଂ
ଦେବତ୍ରିନେତ୍ରଂ ଭଜେ ।

ପୂର୍ବେ ମନ୍ଦିର ବେଢ଼ାରେ ନାଟମଣ୍ଡପ ନଥିଲା । ପରବର୍ତ୍ତୀ ସମୟରେ ଏକ ନାଟମଣ୍ଡପ ନିର୍ମିତ ହୋଇଛି ।

**ସେବା ଓ ସେବକ :** ରାଜାଙ୍କ ଦ୍ୱାରା ନିଯୁକ୍ତ ବ୍ରାହ୍ମଣ ସେବକ ଓ ମାଳି ସେବକ ଜମିବାଡ଼ି ଖଞ୍ଜା ଲାଭ କରି ଶ୍ରୀସ୍ୱପ୍ନେଶ୍ୱର ଦେବଙ୍କ ସେବାରେ ନିଜକୁ ନିୟୋଜିତ କରି ପ୍ରତ୍ୟହ ସ୍ନାନ, ବାଳଭୋଗ, ଶଂଖୁଡ଼ି ଭୋଗ ଅର୍ପଣ କରନ୍ତି ।

**ପର୍ବପର୍ବାଣୀ ଓ ଯାନିଯାତ୍ରା :** ରଣପୁରରେ ଅବସ୍ଥିତ ପଞ୍ଚୁ ମହାଦେବଙ୍କ ମଧ୍ୟରେ ଶ୍ରୀସ୍ୱପ୍ନେଶ୍ୱର ଦେବ ଅନ୍ୟତମ । ପୁରୀର ପଞ୍ଚୁ ମହାଦେବଙ୍କ ମଧ୍ୟରେ ଶ୍ରୀଲୋକନାଥଙ୍କ ଭଳି ରଣପୁର ଶ୍ରୀମନ୍ଦିର ସହ ସ୍ୱପ୍ନେଶ୍ୱର ଦେବ ଜଡ଼ିତ । ପୁରୀର ଶ୍ରୀଜଗନ୍ନାଥଙ୍କ ଷୋହଳ କଳାରୁ ଏକ କଳା ରଣପୁର ଆସିଥିବାରୁ ରଣପୁରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଏ । ଭକ୍ତରାଜା ଉଦ୍ଧବ ନରେନ୍ଦ୍ର ଗୁହାରିଆ ପଡ଼ି ଉଭୟ ପ୍ରଭୁ ଜଗନ୍ନାଥ ଓ ମା' ମହାଲକ୍ଷ୍ମୀଙ୍କୁ ରଣପୁର ଆଣିଥିବାରୁ ରଣପୁରକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଏ । ରଣପୁରକୁ ଛାଡ଼ିଦେଲେ ଅନ୍ୟ କୌଣସି ସ୍ଥାନକୁ ମହାଲକ୍ଷ୍ମୀ ବା ଶ୍ରୀଙ୍କୁ କେହି ଗୁହାରିଆ ପଡ଼ି ନେଇନାହାନ୍ତି । ଏଣୁ ପୁରୀ ଭଳି ରଣପୁରରେ ଶ୍ରୀଜଗନ୍ନାଥଙ୍କ ସବୁ ପରମ୍ପରାରେ ପାଳିତ ହୋଇଥାଏ । ପୁରୀର ରାଘବ ଦାସ ମଠ ଉଭୟ ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓ ରଣପୁର ଶ୍ରୀଜଗନ୍ନାଥଙ୍କ ରଣଯାତ୍ରା ସମୟରେ ଭୋଗ ଦେବା ବ୍ୟବସ୍ଥା କରିଥାଏ । ଉଭୟ ପୁରୀ ଓ ରଣପୁର ରଥଯାତ୍ରା ନିର୍ମାଣ ବେଳେ ଚର୍ଚ୍ଚିକାଙ୍କ ଆଜ୍ଞାମାଳ ଆସିବା ପରେ ରଥ ନିର୍ମାଣ ହୁଏ । ଏ ପରମ୍ପରା ଅନ୍ୟ କୌଣସିଠାରେ ନାହିଁ । ରଣପୁର ଜଗନ୍ନାଥ ମନ୍ଦିରକୁ ଶ୍ରୀମନ୍ଦିର କୁହାଯାଏ ଓ ଏଠାରେ ଅଭଡ଼ା ବ୍ୟବସ୍ଥା ଅଛି । ପୁରୀର ଶ୍ରୀଲୋକନାଥଙ୍କ ଭଳି ରଣପୁରର ସ୍ୱପ୍ନେଶ୍ୱର ଦେବଙ୍କୁ ଅନୁରୂପ ମାନ୍ୟତା ଦିଆଯାଇଥାଏ । ଶିବରାତ୍ରି (ଜାଗର)ରେ ଶ୍ରୀଜୀଉଙ୍କ ଜନ୍ମବିଧାନ ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଚଳନ୍ତି ପ୍ରତିମା ମଦନ ମୋହନ ଦେବ ବିମାନରେ ନିମନ୍ତ୍ରିତ ହୋଇ ହରିହର ଧୂପ ନିମନ୍ତେ ବାବାଙ୍କ ମନ୍ଦିରକୁ ଆଗମନ କରନ୍ତି । ପ୍ରଭୁ ସ୍ୱପ୍ନେଶ୍ୱର ଦେବଙ୍କର ବିବାହ ଉତ୍ସବ ଏବଂ ଶୀତଳଷଷ୍ଠୀ ଉତ୍ସବ ଖୁବ୍ ଆଡ଼ମ୍ବର ସହ ପାଳନ କରାଯାଏ । ହେରାପଞ୍ଚମୀରେ ମା' ଲକ୍ଷ୍ମୀଙ୍କ ସହ ଗୁଣ୍ଡିଚା ମନ୍ଦିରକୁ ଯାଇଥାନ୍ତି । ଚାଚେରୀ, ପଞ୍ଚୁଦୋଳ ଯାତ୍ରା, ଝାମୁଯାତ୍ରା ଇତ୍ୟାଦି ପର୍ବପର୍ବାଣି ନିଷ୍ଠାର ସହ ପାଳନ କରାଯାଏ । ଶ୍ରୀଜଗନ୍ନାଥଙ୍କ ଚନ୍ଦନଯାତ୍ରାରେ ପ୍ରଭୁ ଶ୍ରୀସ୍ୱପ୍ନେଶ୍ୱର, ଚଣ୍ଡେଶ୍ୱର ଦେବ, ହରିହରେଶ୍ୱର, ବାଲୁଙ୍କେଶ୍ୱର ଏବଂ ଦଣ୍ଡାବାଲୁଙ୍କେଶ୍ୱର ନୌକା ବିହାର କରିଥାନ୍ତି । ଶ୍ରୀସ୍ୱପ୍ନେଶ୍ୱର ଦେବ ରଣପୁର ଅଞ୍ଚଳର ପ୍ରତ୍ୟକ୍ଷ ଦେବତା । ସେ ସହଜରେ ଭିତିରେ ବାନ୍ଧିହୋଇ ଭକ୍ତର ସମସ୍ତ ମନସ୍କାମନା ପୂରଣ କରନ୍ତି ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି । ଅଧୁନା ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳନା କମିଟି ଗଠନ ହୋଇ ମନ୍ଦିରର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଉଛି ।


*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୯୨୩୭୦୮୯୫୦୯*


## ମକର ସଂକ୍ରାନ୍ତିର ଆଧ୍ୟାତ୍ମିକ ଚେତନା ଓ ପ୍ରଭୁ ଶ୍ରୀରାମଚନ୍ଦ୍ର

**■ ସତ୍ୟ ମହାପାତ୍ର ■**

ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ । ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ । ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ । ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ । ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି । ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି । ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି । ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ । ମକର ସଂକ୍ରାନ୍ତିର ଅନେକ ପୌରାଣିକ ମହତ୍ତ୍ୱ ରହିଛି । ସୂର୍ଯ୍ୟଙ୍କ ଉତ୍ତରାୟଣ ଠାରୁ ସମସ୍ତ ଧାର୍ମିକ କାର୍ଯ୍ୟ ଆରମ୍ଭ ହୋଇଥାଏ। ମହାଭାରତ ଯୁଦ୍ଧ ସମୟରେ ଶର ଶଯ୍ୟାରେ ଶୋଇଥିବା ପିତାମହ ଭୀଷ୍ମ ସୂର୍ଯ୍ୟଙ୍କ ଉତ୍ତରାୟଣ ହେବାକୁ ଅପେକ୍ଷା କରିଥିଲେ । ସୂର୍ଯ୍ୟ ଉତ୍ତରାୟଣ ହେବା ମାତ୍ରେ ସେ ପ୍ରାଣ ତ୍ୟାଗ କରିଥିଲେ । ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ଭଗବାନ ସୂର୍ଯ୍ୟ ନିଜ ପୁତ୍ର ଶନିକୁ ଦେଖା କରିବା ଲାଗି ତାଙ୍କ ଘରକୁ ଯାଇଥିଲେ । ଶନିଦେବ ମକର ରାଶିର ସ୍ୱାମୀ ହୋଇଥିବାରୁ ଏହି ଦିବସର ନାମ ମକର ସଂକ୍ରାନ୍ତି ହୋଇଥିଲା । ମକର ସଂକ୍ରାନ୍ତି ଦିନ ଦେବୀ ଗଙ୍ଗା ଭଗୀରଥଙ୍କ ପଛେ ପଛେ ଆସି କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ । ଏହାପରେ ଭଗୀରଥଙ୍କ ବଂଶର ଉଦ୍ଧାର ହୋଇଥିଲା। ଶେଷରେ ଦେବୀ ଗଙ୍ଗା ସାଗରରେ ମିଶିଥିଲେ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ସ୍ନାନର ବିଶେଷ ମହତ୍ତ୍ୱ ରହିଛି ।

ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡାଇବାର ପରମ୍ପରା ଦେଶର ବିଭିନ୍ନ ପ୍ରାନ୍ତରେ ଦେଖିବାକୁ ମିଳିଥାଏ । ତେବେ ଗୁଡ଼ି ଉଡାଇବା ପରମ୍ପରା ପୌରାଣିକ କାଳରୁ ଚାଲିଆସୁଛି । ଭଗବାନ ଶ୍ରୀରାମଚନ୍ଦ୍ର ବାଲ୍ୟକାଳରେ ଗୁଡ଼ି ଉଡାଉଥିଲେ ବୋଲି ତୁଳସୀ ଦାସଙ୍କ ଶ୍ରୀରାମଚରିତ ମାନସରେ ଉଲ୍ଲେଖ ରହିଛି । ଏଥିରେ ଲେଖାଅଛି– 'ରାମ ଇକ୍ ଦିନ ଚଙ୍ଗ ଉଡାଇ। ଇନ୍ଦ୍ରଲୋକ ମେଁ ପହୁଞ୍ଚି ଜାଇ', ଅର୍ଥାତ୍ ରାମଚନ୍ଦ୍ର ଥରେ ଗୁଡ଼ି ଉଡାଇବା ସମୟରେ ତାହା ଚନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା। ତାମିଲ୍ ଭାଷାରେ ରଚିତ ନନ୍ଦନାରାମାୟଣରେ ଉଲ୍ଲେଖ ରହିଛି ଯେ ମକର ସଂକ୍ରାନ୍ତିର ପବିତ୍ର ଅବସରରେ ଭଗବାନ ରାମଚନ୍ଦ୍ର ଏବଂ ହନୁମାନଙ୍କ ମଧ୍ୟରେ ମିତ୍ରତା ହୋଇଥିଲା । ମକର ସଂକ୍ରାନ୍ତିରେ ଶ୍ରୀରାମ ଉଡାଇଥିବା ଗୁଡ଼ି ଇନ୍ଦ୍ରଲୋକରେ ଯାଇ ପହଞ୍ଚିଥିଲା । ଉକ୍ତ ଗୁଡ଼ିକୁ ଦେଖି ଇନ୍ଦ୍ରଙ୍କ ପୁତ୍ର ଜୟନ୍ତଙ୍କ ପତ୍ନୀ ଭାବିଲେ, ଯାହାର ଗୁଡ଼ି ଏତେ ସୁନ୍ଦର ହୋଇପାରେ ସେ କେତେ ସୁନ୍ଦର ହୋଇଥିବେ । ଏହାପରେ ସେ ଗୁଡିଟିକୁ କାଟି ରଖିଦେଇଥିଲେ । ଭଗବାନ ଶ୍ରୀରାମ ଗୁଡ଼ିକୁ ଦେଖି ନପାରିନଥିଲେ। ସେ ଗୁଡ଼ି ଖୋଜି ଆଣିବା ଲାଗି ହନୁମାନଙ୍କୁ ପଠାଇଲେ। ହନୁମାନ ଇନ୍ଦ୍ରଲୋକରେ ପହଞ୍ଚିଗଲେ। ମାତ୍ର ଜୟନ୍ତଙ୍କ ପତ୍ନୀ କହିଲେ, ଯେ ପର୍ଯ୍ୟନ୍ତ ସେ ଶ୍ରୀରାମଙ୍କୁ ନଦେଖିଛନ୍ତି, ସେ ପର୍ଯ୍ୟନ୍ତ ଗୁଡ଼ି ଫେରାଇବେ ନାହିଁ। ହନୁମାନ ପ୍ରଭୁ ଶ୍ରୀରାମଙ୍କ ନିକଟକୁ ଏହି ବାର୍ତ୍ତା ନେଇ ଗଲେ । ଭଗବାନ ରାମଚନ୍ଦ୍ର କହିଲେ ବନବାସ ସମୟରେ ଜୟନ୍ତଙ୍କ ପତ୍ନୀଙ୍କୁ ସେ ଦର୍ଶନ ଦେବେ। ହନୁମାନ ଶ୍ରୀରାମଙ୍କ ସନ୍ଦେଶ ନେଇ ଜୟନ୍ତଙ୍କ ପତ୍ନୀଙ୍କୁ ଜଣାଇଲେ । ଶ୍ରୀରାମଙ୍କ ଆଶ୍ୱାସନା ପାଇଁ ଜୟନ୍ତଙ୍କ ପତ୍ନୀ ଗୁଡ଼ି ଫେରାଇ ଦେଇଥିଲେ ।

ମକର ସଂକ୍ରାନ୍ତି ଏକ ସର୍ବଭାରତୀୟ ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି । ଏହି ସଂକ୍ରାନ୍ତିକୁ ମାଘ ମାସର ପ୍ରଥଢ଼ ଦିନ ଭାବେ ହିସାବ କରାଯାଏ । ସୂର୍ଯ୍ୟଙ୍କ ସଂକ୍ରମଣ ବା ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଚଳନର ଦିନ ହେଉଛି ସଂକ୍ରାନ୍ତି। ପ୍ରତି ସଂକ୍ରାନ୍ତିରେ ସୂର୍ଯ୍ୟ ଗୋଟିଏ ଲେଖାଏଁ ରାଶିକୁ ଗମନ କରି ସେଥିରେ ଏକ ମାସ ଅବସ୍ଥାନ କରନ୍ତ । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ କ୍ରମଶଃ ଗମନ କରନ୍ତି । ଏହି ଦିନଠୁ ସୂର୍ଯ୍ୟଙ୍କ ଉରାୟଣ ଗତି ଆରମ୍ଭ ହୋଇଥାଏ । ଏହି ଦିନ ସୂର୍ଯ୍ୟ ଉତ୍ତର ଦିଗକୁ ଯାତ୍ରା କରି ଛଅ ମାସ ଅବସ୍ଥାନ କରୁଥିବାରୁ ବିବାହ, ବ୍ରତ, ଯଜ୍ଞାନୁଷ୍ଠାନ, ଗୃହ, ଦେବାଳୟ ପ୍ରତିଷ୍ଠା ଭଳି ଶୁଭକର୍ମ ଅନୁଷ୍ଠିତ ହୁଏ । ଏହି ସମୟରେ ଅଭୀଷ୍ଟ ସିଦ୍ଧ ପାଇଁ ସୂର୍ଯ୍ୟ ଉପାସନା କରାଯାଏ। ମକର ସଂକ୍ରାନ୍ତି ଉପଲକ୍ଷେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ମକରଚୂଳ ଲାଗି କରାଯାଏ। ଏହା ପରେ କର୍ପୂର ଲାଗି ହୋଇ ତିନି ଠାକୁରଙ୍କ ବେଶ ବଢ଼ିଥାଏ । ଗୋପାଳବଲ୍ଲଭ ଓ ସକାଳ ଧୂପ ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି, ନୂଆଲୁଗା ଲାଗି, ମାଳଚୂଳ ଲାଗି ହେବା ପରେ ଅଳଙ୍କାର ଲାଗି ହୋଇ ମକରବେଶ ବଢ଼ିଥାଏ । ମକର ସଂକ୍ରାନ୍ତି ବେଳକୁ ଓଡ଼ିଶାରେ ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ତେଣୁ ଏହି ଦିନ ନୂଆ ଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, ନଡ଼ିଆ, କଦଳୀ, ଘିଅ ମିଶାଇ ଭୋଗ ପ୍ରସ୍ତୁତ କରି ଗୃହଦେବତାଙ୍କୁ ଧାନଖଳାରେ ଭୋଗ ଲଗାଯାଏ। ଏହି ଭୋଗ ମକର ଚାଉଳ ଭାବେ ପ୍ରସିଦ୍ଧ। କେବଳ ଭାରତ ନୁହେଁ, ରୋମାନ୍ ଇହୁଦୀମାନେ ମଧ୍ୟ ଏହି ପର୍ବ ପାଳନ କରନ୍ତି। ଦକ୍ଷିଣ ଭାରତରେ ଏହା ସବୁଠୁ ବଡ଼ ପର୍ବ। ଦକ୍ଷିଣରେ ଏହା ପୋଙ୍ଗଲ ନାମରେ ପ୍ରସିଦ୍ଧ । ଏହିଦିନଠାରୁ ଦିନ କ୍ରମଶଃ ବଡ଼ ହୁଏ । ସୂର୍ଯ୍ୟଙ୍କ ତେଜ ମଧ୍ୟ ଆଜିଠୁ ପ୍ରଖର ହୁଏ ।

ଏହି ସବୁ ଧାର୍ମିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ ମକର ସଂକ୍ରାନ୍ତି ପର୍ବର ସାମାଜିକ ଏବଂ ଆଧ୍ୟାତ୍ମିକ ଭିତ୍ତିଭୂମି ସୁଦୂରପ୍ରସାରୀ। ଏହି ପର୍ବ ଆମର ସାମାଜିକ ଜୀବନକୁ ଯେପରି ପ୍ରଭାବିତ କରିଛି। ଆମର ଧର୍ମ ଜୀବନ ଠିକ ସେହିପରି ପୁଷ୍ଟକ କରିବା ସଙ୍ଗେ ସଙ୍ଗେ ନିରୋଗ, ସୁସ୍ଥ ଶରୀର ରକ୍ଷା ପାଇଁ ଯଥେଷ୍ଟ ଉପାଦାନ ଯୋଗାଇଛି ।


ମୋ. ୯୬୫୮୧୦୫୫୩୨


## ଶିକ୍ଷାବିତ୍ ସଂକର୍ଷଣ ପ୍ରତିହାରୀ- ଏକ ଅମ୍ଳାନ ପ୍ରତିଭା

**■ ଡକ୍ଟର ବାସୁଦେବ ଦାସ ■**

ମାନବର ଅନ୍ତର୍ନିହିତ ପ୍ରତିଭାର ବିକାଶଧାରା ହିଁ ଶିକ୍ଷା। ଜୀବନ ଏକ ପ୍ରବହମାନ ନିର୍ଝର। ଏହି ନିର୍ଝରିଣୀକୁ ସ୍ନିଗ୍ଧ–ଶୀତଳ ଓ ନିର୍ମଳ କରିଥାଏ ସାଂସ୍କୃତିକ ଅବବୋଧ । ଶୈକ୍ଷିକ ପ୍ରକ୍ରିୟା ଦ୍ୱାରା ଜୀବନ ମାର୍ଜିତ, ଶୃଙ୍ଖଳିତ ଓ ଚରିତ୍ରବା ଗୁଣରେ ସମାଜ ପୁନର୍ଗଠନ ସ୍ୱପ୍ନ ସଂସାଧିତ ହୁଏ । ଏହି ଜୀବନାଦର୍ଶରେ ସଂକର୍ଷଣ ପ୍ରତିହାରୀ/ଶଙ୍କର ଗୁରୁଜୀଙ୍କର କର୍ମମୟ ଜୀବନ ଗଠିତ । ସେ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତା ଉଷାଦେବୀ– ପିତା ଉପେନ୍ଦ୍ର ପଢ଼ିହାରୀଙ୍କ ଔରସରେ ଭୂମିଷ୍ଠ ହୋଇଥିଲେ ୧୯୩୪ ମସିହା ଜୁନ୍ ୧୫ ତାରିଖରେ ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ରାଜଗଡ଼ ଗ୍ରାମରେ। ରାଜଗଡ଼ ଗ୍ରାମର ସ୍ୱତନ୍ତ୍ର ଐତିହ୍ୟ ଓ ପରମ୍ପରା ରହିଛି । ସେଇ ସାଂସ୍କୃତିକ ବାତାବରଣ ତାଙ୍କ ଉପରେ ପ୍ରଭାବ ପକାଇଥିବା ଜଣାଯାଏ ।

ଉପେନ୍ଦ୍ର ପଢ଼ିହାରୀଙ୍କର ଜ୍ୟେଷ୍ଠପୁତ୍ର ଧନେଶ୍ୱର ପ୍ରତିହାରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଦ୍ୱିତୀୟ ପୁତ୍ର କାହ୍ନୁଚରଣ ପ୍ରତିହାରୀ, ଶିକ୍ଷାବିଦ୍ ଓ ସାହିତ୍ୟିକ ତୃତୀୟ ସନ୍ତାନ ବଂଶୀଧର ଭାରତର ବିଶିଷ୍ଟ ଚିତ୍ରଶିଳ୍ପୀ । ତାଙ୍କ ପରେ ସଂକର୍ଷଣ ଏକାଧାରରେ ଶିକ୍ଷାବିଦ୍, ବେଦବିତ୍, ସାହିତ୍ୟିକ, ପ୍ରାକୃତିକ ଚିକିତ୍ସକ ଏବଂ ଗାନ୍ଧିଜୀ ତଥା ଗୋପବନ୍ଧୁ ଚୌଧୁରୀ ଓ ମା' ରମାଦେବୀଙ୍କର ପଟ୍ଟଶିଷ୍ୟ । ରାଜଗଡ଼ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ବେଳେ ତାଙ୍କ ଶିକ୍ଷକ ଅନନ୍ତ ଚରଣ ବାହାଲିଆଙ୍କ ପ୍ରେରଣାରେ ଜାତୀୟତାରେ ଉଦ୍‌ବୁଦ୍ଧ ହୋଇଥିଲେ । ମାର୍ଶାଘାଇ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟରୁ ମାଟ୍ରିକ୍‌ରେ କୃତବିଦ୍ୟ ହୋଇଥିଲେ । ମାର୍ଶାଘାଇ ହାଇସ୍କୁଲର ଶିକ୍ଷକ ପ୍ରହ୍ଲାଦ ମଲିକ ଓ ବିଶିଷ୍ଟ ଗାନ୍ଧିବାଦୀ ନେତା ପଦ୍ମଚରଣ ନାୟକଙ୍କ ପ୍ରଭାବରେ ସେ ଜଣେ ଭଲ ମଣିଷ ହେବାର ସ୍ୱପ୍ନ ଦେଖିଥିଲେ। ଶାନ୍ତିନିକେତନରେ କିଛିଦିନ ଅଧ୍ୟୟନ କରି ପୁନଶ୍ଚ ରେଭେନ୍ସା କଲେଜକୁ ଫେରି ସ୍ନାତକ ଡିଗ୍ରୀ ସମାପ୍ତ କରିଥିଲେ। ଶିକ୍ଷା ଜଗତର ଗୁରୁ ପ୍ରଫେସର ଶତ୍ରୁଘ୍ନ ନାଥ ତାଙ୍କର ଥିଲେ ଆଦର୍ଶ । ଅନୁଗୁଳସ୍ଥ ଶିକ୍ଷକ ତାଲିମ କଲେଜରୁ ମୌଳିକ ଶିକ୍ଷା ତାଲିମପ୍ରାପ୍ତ ହୋଇ ମଧୁସାଗର ବିଦ୍ୟାପୀଠ, ଗଜେଶ୍ୱର ବିଦ୍ୟାପୀଠ (ଦେଉଳପଡ଼ା), ତେଲକୋଇ ହାଇସ୍କୁଲ (କେନ୍ଦୁଝର), ବରୀ ରାମଚନ୍ଦ୍ରପୁର ଉଚ୍ଚତର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କର୍ତ୍ତବ୍ୟ ସମ୍ପାଦନ କରି, ଶେଷରେ ହାଟସାହି ହାଇସ୍କୁଲରୁ ଅବସର ଗ୍ରହଣ କରିଥିଲେ। ହାଟସାହି ହାଇସ୍କୁଲକୁ ସାମଗ୍ରିକ ବିକାଶ ସହିତ ଗୁଣାତ୍ମକ ଶିକ୍ଷାରେ ଓଡ଼ିଶାରେ ଖ୍ୟାତି ମିଳିଥିଲା । ଲଗାତର ବେଷ୍ଟ ଟେନ୍‌ଥ ବା ପ୍ରଥମ ଦଶଜଣ ମଧ୍ୟରେ ତାଙ୍କ ସ୍କୁଲ ସ୍ଥାନ ପାଇବା ତାଙ୍କ ପରିଶ୍ରମ ଓ କର୍ତ୍ତବ୍ୟନିଷ୍ଠା ପ୍ରମାଣିତ କରିଥିଲା। ସେଥିପାଇଁ ସରକାରୀ ଓ ବେସରକାରୀ ଅନୁଷ୍ଠାନରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । 'ସମାଜ' ଅନୁଷ୍ଠାନ ତରଫରୁ ତତ୍କାଳୀନ ସମାଜର ସମ୍ପାଦକ ପଦ୍ମଶ୍ରୀ ରାଧାନାଥ ରଥ ସମ୍ମାନ ଓ ସମ୍ବର୍ଦ୍ଧନା ଦେଇଥିଲେ।

ସେ ଥିଲେ ଗାନ୍ଧି, ବିନୋବା, ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ ଓ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ ମାର୍ଗର ଜଣେ ନିଷ୍ଠାପର ସାଧକ। ମୌଳିକ ଶିକ୍ଷାର ଅନ୍ୟତମ ରୂପକାର। ତାଙ୍କର ଶିକ୍ଷକତା ଆରମ୍ଭ ହୋଇଥିଲା ଗାନ୍ଧିବାଦୀ ଶିକ୍ଷକ ଚିନ୍ତାମଣି ସ୍ୱାଇଁଙ୍କ ମଧୁସାଗର ବିଦ୍ୟାପୀଠରୁ ଯାହାକୁ ଗୋପବନ୍ଧୁ ଚୌଧୁରୀ କୋଡ଼ି କୋଦାଳର ବିଶ୍ୱବିଦ୍ୟାଳୟ ଆଖ୍ୟା ଦେଇଥିଲେ। ମଧୁସାଗରରେ ଶିକ୍ଷକ ଥିବା ସମୟରେ ବାହାରଣାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପରିଡ଼ା ଓ ଛାୟାଦେବୀଙ୍କର କନ୍ୟା ମଞ୍ଜୁଶ୍ରୀଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା ।

୧୯୫୬ ମସିହାରେ ଭୂଦାନ– ସର୍ବୋଦୟ ଆନ୍ଦୋଳନରେ ଅଂଶଗ୍ରହଣ କରି ଗାନ୍ଧିଜୀଙ୍କ ନୀତି ଆଦର୍ଶକୁ ଜୀବନର ପାଥେୟ କରିଥିଲେ। ସର୍ବୋଦୟ ପତ୍ରିକାରେ ଶତାଧିକ ପ୍ରବନ୍ଧ ଓ ଲଳିତ ନିବନ୍ଧମାନ ପ୍ରକାଶ ପାଇଅଛି। 'ଭୂଦାନ ଗୀତିକା' ନାମରେ ଏକ କ୍ଷୁଦ୍ର ପୁସ୍ତିକା ପ୍ରକାଶ କରିଥିଲେ। ଅନେକ ଲେଖା ପାଣ୍ଡୁଲିପି ଅବସ୍ଥାରେ ରହିଛି।

୧୯୬୭ ମସିହା ପ୍ରଳୟଙ୍କରୀ ବାତ୍ୟାରେ ଅଳାଇଲେ। ପଞ୍ଚାୟତରେ ବାତ୍ୟା ପୀଡ଼ିତ ଲୋକଙ୍କର ସେବା ଓ ସାହାଯ୍ୟ ଏବଂ ଭଗ୍ନଗୃହର ମରାମତି କରାଇବାରେ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ମା' ରମାଦେବୀ ଓ ଅନ୍ନପୂର୍ଣ୍ଣା ମହାରଣା ତାଙ୍କ ଦାୟିତ୍ୱରେ ରିଲିଫ୍ ବନ ଆଦି କାର୍ଯ୍ୟ କରାଇଥିଲେ। ଜ୍ଞାନମଣ୍ଡଳ ପ୍ରଣେତା ବିନୋଦ କାନୁନ୍‌ଗୋଙ୍କର ସେ ଥିଲେ ଖୁବ୍ ଅନ୍ତରଙ୍ଗ। ଜ୍ଞାନ ମଣ୍ଡଳର ପ୍ରସାର ଦିଗରେ ସଂକର୍ଷଣଙ୍କର କିଛି ଭୂମିକା ମଧ୍ୟ ସ୍ମରଣୀୟ ।

ସର୍ବୋଦୟ ବିଚାରଧାରାରେ ରାଜନୀତିକ ପ୍ରଭାବ ଉପଲବ୍ଧି କରି ସେ ବୈଦିକ ବିଚାରକୁ ଗ୍ରହଣ କରିଥିଲେ। ଶେଷ ପର୍ଯ୍ୟନ୍ତ ପ୍ରତି ରବିବାର ଯଜ୍ଞ କରିବା, ବେଦ ଅଧ୍ୟୟନ ଓ ଅଧ୍ୟାପନା କରିବାରେ ସମୟ ଅତିବାହିତ କରିଥିଲେ। ସାନ୍ଦିପନୀ ଯୋଗ ବିଦ୍ୟାଳୟ ପ୍ରତିଷ୍ଠା କରି ପିଲା, ତରୁଣ ଓ ଅନ୍ୟମାନଙ୍କୁ ସମାଜ ସଂସ୍କାର ଦିଗରେ ଅନୁପ୍ରାଣିତ କରିଥିଲେ। ପ୍ରଥମେ ସେ ବେଦମାତା/ ବେଦପ୍ରଭା ନାମରେ ତ୍ରୈମାସିକ ହାତଲେଖା ପ୍ରକାଶ କରୁଥିଲେ। ପରବର୍ତ୍ତୀ କାଳରେ ଏହା ଆର୍.ଏନ୍.ଆଇ ମଞ୍ଜୁର ପାଇବା ପରେ ନିୟମିତ 'ବେଦପ୍ରଭା' ପ୍ରକାଶ ପାଇ ଆସୁଥିଲା। ତାଙ୍କର ସାରସ୍ୱତ ସାଧନା ନିମନ୍ତେ କୀଟ୍ ବିଶ୍ୱବିଦ୍ୟାଳୟରେ ପ୍ରକାଶ ପାଉଥିବା 'କାଦମ୍ବିନୀ' ସାରସ୍ୱତ ସମ୍ମାନ ଲାଭ କରିବା ସହ ବହୁ ଅନୁଷ୍ଠାନରୁ ମାନପତ୍ର, ଉପଢ଼ୌକନ ପାଇ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ସମାଜରେ ଶଙ୍କର ଗୁରୁଜୀ ଭାବେ ସୁପରିଚିତ ଥିଲେ।

ଗତ ତା ୪.୧.୨୦୨୬ ରିଖ ରବିବାର ଦିନ ବାହାରଣା ଠାରେ ତାଙ୍କ ପ୍ରୟାଣ ଘଟିଲା ପରେ ଓଡ଼ିଶାର ସେବା, ଶିକ୍ଷା, ସଂସ୍କାର ଓ ବୈଦିକ ବିଚାର କ୍ଷେତ୍ରରେ ଏକ ଶୂନ୍ୟତା ସବୁଦିନ ପାଇଁ ସୃଷ୍ଟି ହୋଇଗଲା ।

## ମକରଠାରୁ ଦିନ ବକର...

**■ ସୌର ଚନ୍ଦ୍ର ମହାପାତ୍ର ■**

ଭିନ୍ନ ଭିନ୍ନ ଅଞ୍ଚଳରେ ଅଲଗା ଅଲଗା ନାମରେ ପାଳନ କରାଯାଉଥିବା ମକର ସଂକ୍ରାନ୍ତି ହିନ୍ଦୁଙ୍କର ଅନ୍ୟତମ ଶ୍ରେଷ୍ଠ ପର୍ବ । ଓଡ଼ିଶାରେ ଯେପରି ମହାବିଷୁବ ସଂକ୍ରାନ୍ତି ଠାରୁ ବର୍ଷ ଆରମ୍ଭ ହୁଏ ଦକ୍ଷିଣରେ ମକର ସଂକ୍ରାନ୍ତି ଠାରୁ ବର୍ଷ ଆରମ୍ଭ ହୋଇଥାଏ । କହିବାକୁଗଲେ ମକର ସଂକ୍ରାନ୍ତି ଏକ ଆଞ୍ଚଳିକ ପର୍ବ ନୁହେଁ ବରଂ ଏହା ସମଗ୍ର ଭାରତର ଗୋଟିଏ ବଡ଼ ପର୍ବ । ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ଉରାୟଣ ଗତି ହୁଏ । ସୂର୍ଯ୍ୟ ମକର ରାଶିକୁ ଆସି ବିଷୁବରେଖା ଆଡ଼କୁ କ୍ରମଶଃ ଗମନ କରନ୍ତି । ଓଡ଼ିଆରେ ଗୋଟିଏ ଲୋକକଥା ରହିଛି – 'ମକର ଠାରୁ ଦିନ ବକର ହୁଏ।' ଭଗବାନ ସୂର୍ଯ୍ୟଦେବଙ୍କ ତେଜ ମଧ୍ୟ ଏହି ସଂକ୍ରାନ୍ତି ଠାରୁ ପ୍ରଖର ହୁଏ। ଆବହମାନ କାଳରୁ ହିନ୍ଦୁ ଚେତନାରେ ବିଶ୍ୱାସ ରହିଛି ଯେ ସୂର୍ଯ୍ୟଙ୍କର ଉରାୟଣ ଗତି ସମୟରେ ଯେଉଁମାନଙ୍କର ପରଲୋକ ହୋଇଥାଏ ସେମାନଙ୍କର ସ୍ୱର୍ଗଲୋକର ଗତିପଥ ସୁଗମ ହୋଇଥାଏ। ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉଥିବାରୁ ଆଲୋକ ଏବଂ ଜୀବନର ଉତ୍ସ ସୂର୍ଯ୍ୟଙ୍କୁ ହିନ୍ଦୁ ଗୃହସ୍ଥମାନେ ଭକ୍ତିପୂତ ପରିବେଶରେ ପୂଜାର୍ଚ୍ଚନା କରନ୍ତି। ଦେବଦେବୀଙ୍କ ନିକଟରେ ହୋମଯଜ୍ଞକରି ମାସଟିକୁ ଶୁଭରେ ଅତିବାହିତ କରିବା ସହ ଦେବତାଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ଗୃହଦୋଷ ଶାନ୍ତି କରିବା ପାଇଁ ହୋମ ମଧ୍ୟ ହୋଇଥାଏ । ଏହି ସମୟରେ ଓଡ଼ିଶାରେ ଧାନ, ଆଖୁ ଆଦି ଅମଳ ସରିଯାଇଥିବାରୁ ଗୃହର ଆରାଧ୍ୟ ଦେବାଦେବୀଙ୍କ ପାଖରେ ଅରୁଆ ଚାଉଳ, ନଡ଼ିଆ, କଦଳୀ, ଘିଅ, ନୂଆଗୁଡ଼, ଛେନା ପ୍ରସ୍ତୁତିରେ ସୁମିଷ୍ଟ ଭୋଗ ଭଗବାନଙ୍କ ନିକଟରେ ଅର୍ପଣ କରାଯାଏ । ତେବେ ଭୋଗର ପ୍ରମୁଖ ଅଂଶ ରହିଥାଏ ଅରୁଆ ଚାଉଳ । ଏହି ଭୋଗକୁ ଓଡ଼ିଆରେ ମକର ଚାଉଳ ଭାବେ ସମସ୍ତେ ଜାଣନ୍ତି । ତେବେ ଏହି ମକର ସଂକ୍ରାନ୍ତିର ଏକ ବୈଜ୍ଞାନିକ ନିଗୂଢ଼ ତଥ୍ୟ ମଧ୍ୟ ରହିଛି ।



ମକର ସଂକ୍ରାନ୍ତି ଅବସରରେ କଳା ରଙ୍ଗର ମହତ୍ତ୍ୱ ଅନେକ । ଏହି ସମୟରେ ବନ୍ଧୁ–ବାନ୍ଧବ ଏବଂ ଆତ୍ମୀୟ ସ୍ୱଜନଙ୍କ ମଧ୍ୟରେ କଳା ରାଶି ବା ତିଳ ବା ଇଲୁ ବନ କରାଯିବା ହିନ୍ଦୁ ପରମ୍ପରା । ରାଶି ପ୍ରସ୍ତୁତ ଖାଦ୍ୟ ପଦାର୍ଥ ମକର ସଂକ୍ରାନ୍ତିରେ ଗ୍ରହଣ କରାଯାଇଥାଏ । ସଂକ୍ରାନ୍ତି ବେଳେ ରାଶିର ଅନ୍ତର୍ନିହିତ ବିଶେଷ ଗୁଣ ମଣିଷର ଶରୀରକୁ ସୁସ୍ଥ ଏବଂ ଉଲ୍ଲସିତ ରଖୁଥିବା ବିଶ୍ୱାସ କରାଯାଏ । ତା'ଛଡ଼ା ମକରର ସ୍ୱରୂପ ବା ଏଥି ସହ ସଂପର୍କିତ ଦେବତାଙ୍କ ବର୍ଣ୍ଣ କଳା । ମହାରାଷ୍ଟ୍ରର ବହୁ ଅଞ୍ଚଳରେ ଏହି ଦିନରେ କଳା ରଙ୍ଗର ବସ୍ତ୍ର ପରିଧାନ କରାଯାଏ । ମକର ଶୀତଋତୁରେ ପଡ଼ିଥାଏ । କୃଷ୍ଣବର୍ଣ୍ଣର ବସ୍ତ୍ର ଶରୀରକୁ ଉଷ୍ମ ରଖୁଥିବାରୁ ଏଭଳି ପରମ୍ପରା ପ୍ରଚଳିତ ହୋଇଥିବା ଗ୍ରହଣୀୟ । ତିଳ ଏକ ତୈଳବୀଜ ବିଶେଷ । ଶୀତ ଋତୁରେ ଖାଦ୍ୟରେ ଏହାକୁ ବ୍ୟବହାର କଲେ ଶରୀର ଏହାର ସୁଫଳ ପାଇଥାଏ । ଏଣୁ ସମଗ୍ର ଦକ୍ଷିଣ ଭାରତ, ମହାରାଷ୍ଟ୍ର ଏବଂ ଗୁଜୁରାଟରେ ଶୀତ ଦିନେ ଏହା ଅଧିକତର ବ୍ୟବହୃତ ହୋଇଥାଏ । ଏହା ପ୍ରାଚୀନ ଶାସ୍ତ୍ର–ସମ୍ମତ ମଧ୍ୟ । ଦକ୍ଷିଣ ଭାରତରେ ମକର ସଂକ୍ରାନ୍ତି ପୋଙ୍ଗଲ୍ ବା ଇଲୁ ବେଲା ଭାବେ ଖ୍ୟାତ । ଏହା ସେମାନଙ୍କର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ ଅନ୍ତର୍ଗତ । ସେମାନେ ଏହିଦିନ ଚାଉଳ, ଡାଲି, ଗୁଡ଼, ଦୁଗ୍ଧ ଏବଂ ଅଙ୍ଗୁର କୋଳିକୁ ଏକତ୍ର ମିଶାଇ ଖେଚୁଡ଼ି ରାନ୍ଧି ସୂର୍ଯ୍ୟଦେବଙ୍କ ନିକଟରେ ଭୋଗ ଲଗାନ୍ତି । ଏହାକୁ 'ପୋଙ୍ଗଲ୍ ଚାଉଳ' କୁହାଯାଏ । ସର୍ବୋପରି ଏହି ଅବସରରେ ସୁନ୍ଦରେଶ୍ୱର ମହାଦେବ ମଦୁରାଇର ମୀନାକ୍ଷୀ ମନ୍ଦିରରେ ପ୍ରସ୍ତର ହସ୍ତୀକୁ ଇକ୍ଷୁ ବା ଆଖୁ ରସ ପାନ କରାଇଥିବାର କିମ୍ବଦନ୍ତୀ ଯୋଗୁଁ ଏହାକୁ ପବିତ୍ର ମନେକରି ଭୋଗ ଲଗାଯାଏ ।

ଆମ୍ଭମାନଙ୍କର ଦେହ ରକ୍ଷା ହେଉଛି ସକଳ ଓ ସାଧନାର ମୂଳତତ୍ତ୍ୱ ତେଣୁ ହିନ୍ଦୁ ଦର୍ଶନ ତତ୍ତ୍ୱ ନିରୋଗ ଶରୀରକୁ ଗୁରୁତ୍ୱ ଆରୋପ କରିଥାଏ। ମକର ସଂକ୍ରାନ୍ତି ପୂର୍ବରୁ ଶୀତର ପ୍ରକୋପ କମି ନଥାଏ ଏବଂ ଶୀତ ଦିନ ଥିବାରୁ ସୂର୍ଯ୍ୟଙ୍କର କିରଣ ମଧ୍ୟ ପ୍ରଖର ହୋଇନଥାଏ। ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟକିରଣ ପ୍ରଖର ହେଉଥିବାରୁ ଆମ୍ଭ ମାନଙ୍କର ହଜମ ଶକ୍ତି ବଢ଼ିଥାଏ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ଅରୁଆ ଚାଉଳ ଭୋଗ ଭଗବାନଙ୍କ ପାଖରେ ଅର୍ପଣ କରିବାର ବିଧି ରହିଛି। ଦେଖିବାକୁଗଲେ ଆମ ମହାନ ଓଡ଼ିଶାର ସାମାଜିକ ପର୍ବପାଳନ ଭିତରେ ଧର୍ମର ସୁସଂଗତ ବିଚାରଧାରାର ମହତ୍ତ୍ୱ ସହିତ ବିଜ୍ଞାନର ଚେତନା ମଧ୍ୟ ରହିଛି । ମକର ସଂକ୍ରାନ୍ତି ଦିନ ପ୍ରସିଦ୍ଧ ଗଙ୍ଗାସାଗର ମେଳା ହୋଇଥାଏ । ମକର ସଂକ୍ରାନ୍ତି ପର୍ବ ସାମାଜିକ ଓ ଆଧ୍ୟାତ୍ମିକ ଜୀବନକୁ ପ୍ରଭାବିତ କରିବା ସହ ଆମ ମାନଙ୍କ ପାଇଁ ଏକ ନିରୋଗ ଓ ସୁସ୍ଥ ଶରୀର ରକ୍ଷା ପାଇଁ ଆଧ୍ୟାତ୍ମିକ ଚେତନାର ବାର୍ତ୍ତା ପ୍ରଦାନ କରିଥାଏ ।


ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ,
ମୋ. ୯୪୩୭୦୦୪୪୬୬



ସବୁ ପର୍ବପର୍ବାଣି ମଧ୍ୟରୁ ଆମ ମକର ପର୍ବ ହେଉଛି ଏକ ନିଆରା ପର୍ବ। ଆମ୍ଭମାନଙ୍କର ଏହା ଏକ ପବିତ୍ର କୃଷିଭିତ୍ତିକ ପର୍ବ । ଏହି ପର୍ବ ପାଳନର ପରମ୍ପରା ଖୁବ୍ ପ୍ରାଚୀନ ମକର ସଂକ୍ରାନ୍ତି ଅନ୍ୟ ସବୁ ସଂକ୍ରାନ୍ତି ଠାରୁ କେତେକାଂଶରେ ଭିନ୍ନ । ଏହି ଦିବସ ସହିତ ଅନେକ ପୌରାଣିକ କାହାଣୀ ଓ ମତବାଦ ଜଡିତ । ଏହି ଦିନରେ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରୁଥିବାରୁ ଏହାକୁ ମକର ସଂକ୍ରାନ୍ତି ବୋଲି କୁହାଯାଏ । ମକର ସଂକ୍ରାନ୍ତି ଦିନଟି ଦେବତା ମାନଙ୍କର ସଂକ୍ରାନ୍ତି ବୋଲି କୁହାଯାଏ । ଏହି ଦିନ ସୂର୍ଯ୍ୟ ଦେବ ତାଙ୍କର ଉତ୍ତରାୟଣ ଗତି ଆରମ୍ଭ କରନ୍ତି । ତେଣୁ ସମସ୍ତେ ଏହି ପବିତ୍ର ଦିବସରେ ଦେବାଦେବୀଙ୍କୁ ଆରଧନା କରିଥାନ୍ତି । ପୌରାଣିକ ମତ ଅନୁସାରେ ମକର ସଂକ୍ରାନ୍ତି ଦିନ ଗଙ୍ଗା ସାଗରରେ ମିଶିଥିଲେ ଏବଂ ଭଗୀରଥଙ୍କର ପୂର୍ବ ପୁରୁଷମାନେ ଶାପ ମୁକ୍ତ ହୋଇଥିଲେ। ତେଣୁ ସାରା ଭାରତରେ ହଜାର ହଜାର ଶ୍ରଦ୍ଧାଳୁ ଏହି ଦିନ ଗଙ୍ଗାସାଗର ସ୍ନାନ କରିଥାଆନ୍ତି, ଏହାକୁ ଗଙ୍ଗାସାଗର ମେଳା ବୋଲି କୁହାଯାଏ । ପ୍ରତିବର୍ଷ ପଶ୍ଚିମବଙ୍ଗରେ ଏହି ମେଳାରେ ବହୁ ଭକ୍ତ ସାମିଲ ହୁଅନ୍ତି। ମକର ଦିନ ଦେହତ୍ୟାଗ କଲେ ବୈକୁଣ୍ଠ ପ୍ରାପ୍ତି ହୁଏ ବୋଲି କୁହାଯାଏ । ତେଣୁ ମହାଭାରତ ଯୁଦ୍ଧରେ ଶରାହତ ପିତାମହ ଭୀଷ୍ମ ଶଯ୍ୟାରେ ଶୟନ କରି ଅପେକ୍ଷା କରିଥିଲେ ଏହି ଦିନଟିକୁ। ମକର ସଂକ୍ରାନ୍ତି ପ୍ରାତଃକାଳରେ ସ୍ନାନ କରି ସୂର୍ଯ୍ୟଦେବଙ୍କୁ ଉପାସନା କରି ଦୁଃଖିରଙ୍କଙ୍କୁ କଞ୍ଚା ଓ ସଜ ଜିନିଷ ପ୍ରଦାନ କଲେ ପୁଣ୍ୟ ହୁଏ ବୋଲି ମତବାଦ ରହିଛି। ଶାନ୍ତି ଓ ସଦ୍ଭାବ ପାଇଁ ଶକ୍ତିର ଦେବତା ଶିବଙ୍କୁ ଶତରୁଦ୍ର ମନ୍ତ୍ରରେ ପୂଜା ଅର୍ଚ୍ଚନା କରାଯାଇ ଆଶୀର୍ବାଦ ଭିକ୍ଷା କରାଯାଏ ଏହି ପବିତ୍ର ମକର ସଂକ୍ରାନ୍ତିରେ ।

ସମସ୍ତ ଅଞ୍ଚଳରେ ହସଖୁସି ତଥା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଆନ୍ତି ସମସ୍ତେ। ସମସ୍ତେ ପବିତ୍ର ମନରେ ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ଦେବାଳୟରେ ସମସ୍ତଙ୍କ ମଙ୍ଗଳ କାମନା କରନ୍ତି ଓ ଆଶୀର୍ବାଦ ଭିକ୍ଷା କରନ୍ତି ।

ମକର ସଂକ୍ରାନ୍ତି (ମକର ଚାଉଣ୍ଡି) ଦିନଟି ଏହି ଉତ୍ସବର ମୁଖ୍ୟ ଦିବସ। ଦିନ ତମାମ ସମସ୍ତେ ଅତ୍ୟନ୍ତ ଆନନ୍ଦର ସହିତ ପିଠାପଣା ତଥା ମାଛ ମାଂସ ଖାଆନ୍ତି ଓ ଖୁଆନ୍ତି । ସାଧାରଣ ବର୍ଗର ଲୋକମାନେ ନୂତନ ଅରୁଆ ଚାଉଳ, ଦହି, ଦୁଗ୍ଧ, ଶର୍କରା, ଘିଅ, କଦଳୀ, ନଡିଆ, ଲବଙ୍ଗ, ଜାଇଫଳ ଓ ଆଖୁରସ ଆଦି ଦ୍ୱାରା ମକର ଚାଉଳ ପ୍ରସ୍ତୁତ କରି ଦେବଦେବୀଙ୍କୁ ଅର୍ପଣ କରନ୍ତି। ମକର ଦିନ ସକାଳେ ପ୍ରତି ଗ୍ରାମରେ ପୁରୋହିତ ଘର ଘର ବୁଲି ମକର ଚାଉଳ ଦିଅନ୍ତି । ମଣ୍ଡା, ଆରିସା, କାକରା, ଚକୁଳି ଓ ତିତଉ ଇତ୍ୟାଦି ପ୍ରସ୍ତୁତ କରିଥାନ୍ତି ଗୃହିଣୀମାନେ ଆଉ ବାଣ୍ଟନ୍ତି ଆତ୍ମୀୟ ସ୍ୱଜନଙ୍କୁ ।



# ମୟୂରଭଞ୍ଜର ଗଣପର୍ବ ମକର



**ପୌ**ରାଣିକ ମତବାଦ ଅନୁସାରେ ସୁନୀ ଓ ତାଙ୍କ ପୁତ୍ର ଶନିଶ୍ଚରଙ୍କ ମଧ୍ୟରେ ମତଭେଦ ଥିବାବେଳେ ସୂର୍ଯ୍ୟଦେବ ନିଜର ଅସନ୍ତୋଷକୁ ପରିହାର କରି ଏହି ଦିନ ଶନିଶ୍ଚରଙ୍କୁ ଭେଟି ଦୃଢ ଓ ପବିତ୍ର ସମ୍ପର୍କ ସ୍ଥାପନ କରିଥିଲେ । ତେଣୁ ଏହି ଉପାଖ୍ୟାନ ଅନୁଯାୟୀ ପିତା ପୁତ୍ର ମଧ୍ୟରେ ମତାନ୍ତର ଥିଲେ ଏହି ମକର ସଂକ୍ରାନ୍ତିରେ ଦୂରୀଭୁତ ହୋଇଥାଏ ।

ମକର ସଂକ୍ରାନ୍ତି ସାରା ଭାରତରେ ବିଭିନ୍ନ ନାମରେ ପାଳିତ ହୁଏ । ଆମ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଏହାକୁ ପୋଙ୍ଗଲ ଭାବରେ ପାଳନ କରାଯାଉଥିବା ବେଳେ ହରିଆନା, ହିମାଚଳ ପ୍ରଦେଶ ଓ ପଞ୍ଜାବରେ ଲୋହରି ନାମରେ ପାଳନ କରାଯାଏ । ଆସାମରେ ଏହି ଦିନଟିକୁ ଭୋଗଲୀ ବିହୁ ବା ମାଘବିହୁ ଓ ଉତ୍ତରପ୍ରଦେଶରେ ଖିଚଡୀ ନାମରେ ପାଳନ କରାଯାଏ । ପୋଙ୍ଗଲ ଏକ ତିନିଦିନିଆ ପର୍ବ ଅଟେ । ଏହି ପର୍ବର ପ୍ରଥମ ଦିନକୁ ଭୋଗି ପୋଙ୍ଗଲ, ଦ୍ୱିତୀୟ ଦିନକୁ ସୂର୍ଯ୍ୟ ପୋଙ୍ଗଲ ଏବଂ ତୃତୀୟ ଦିନକୁ ମାଟୁ ପୋଙ୍ଗଲ କୁହାଯାଏ ।

ଆମ ଓଡ଼ିଶାରେ ମଧ୍ୟ ସାଧାରଣ ଭାବେ ତିନି ଦିନ ଏହି ଉତ୍ସବ ପାଳନ ହୁଏ । ମୟୂରଭଞ୍ଜରେ ଏହା ଗଣପର୍ବ ରୂପେ ପାଳିତ ହୁଏ । ମୟୂରଭଞ୍ଜ ଗଣପର୍ବ ମକର ପାଇଁ ଗାଁ ଠାରୁ ସହର ହୋଇ ଉଠେ ଚଳଚଞ୍ଚଳ । ଆବାଳବୃଦ୍ଧବନିତାଙ୍କ ମନରେ ଭରିଯାଏ ନୂତନ ଉନ୍ମାଦନା । ଧନୀ ଠାରୁ ଗରିବ ସମସ୍ତେ ନିଜ ନିଜର ସାମର୍ଥ୍ୟ ମୁତାବକ କିଛି ନା କିଛି ନୂଆ କିଣିବାରେ ବ୍ୟସ୍ତ ଥିବା ବିଭିନ୍ନ ହାଟ ବଜାରରେ ଦେଖିବାକୁ ମିଳେ । ମକର ସଂକ୍ରାନ୍ତିର ପୂର୍ବ ହାଟପାଳିରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳେ । ଜିଲ୍ଲା ଓ ଜିଲ୍ଲା ବାହାର ବହୁ ସଂଖ୍ୟାରେ ଦୋକାନୀ ଆସି ବେଶ୍ ଭଲ ବେପାର କରିଥାନ୍ତି ଏହି ହାଟମାନଙ୍କରେ । ଆଦିବାସୀ ଓ କୁଡୁମୀ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ କିଣାହୁଏ ନୂଆ ପୋଷାକ । ମକର ପିଠା ପାଇଁ ଲୋକମାନେ ଗୁଡ଼, ଚିନି, ଚାଉଳ, ବିରି ଆଦି କିଣିବା ସହ ଘର ପାଇଁ ବାଉଁଶ ଟୋକେଇ, ମାଟିହାଣ୍ଡି ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହାଟରୁ କିଣିଥାନ୍ତି ।





ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ମକର ପର୍ବରେ ଆଦିବାସୀ ଜୀବନଶୈଳୀ ଓ ପରମ୍ପରାର ଛାପ ଅଧିକ ଦେଖିବାକୁ ମିଳେ । ପରିବାର ଲୋକଙ୍କ ସମେତ ବନ୍ଧୁବାନ୍ଧବଙ୍କ ସହ ଏହାକୁ ପାଳନ କରିବାକୁ ଆଦିବାସୀ ସମ୍ପ୍ରଦାୟ ଲୋକେ ବେଶ ଆଗ୍ରହର ସହ ଅପେକ୍ଷା କରିଥାନ୍ତି । ଏହି ପର୍ବ ବନ୍ଧୁମିଳନ ସହିତ ଭ୍ରାତୃତ୍ୱ ସମ୍ପର୍କ ଯୋଡ଼ିଥାଏ । ବନ୍ଧୁବାନ୍ଧବ, ସାଙ୍ଗସାଥି ଓ ସାହି ପଡ଼ିଶାଙ୍କୁ ଆମନ୍ତ୍ରଣ କରି ଏକ ସଙ୍ଗରେ ଏହି ପର୍ବର ମଜା ଉଠାଇବା ପାଇଁ ସମସ୍ତେ ବ୍ୟଗ୍ର ହୋଇ ଉଠନ୍ତି । ବିଭିନ୍ନ ସ୍ଥାନରେ ମକର ମେଳା ବସେ ଏବଂ ଦୂରଦୂରାନ୍ତରୁ ଆସୁଥିବା ପ୍ରିୟ ପରିଜନଙ୍କ ସହ ବେଶ୍ ଭାବର ଆଦାନ ପ୍ରଦାନ ହୋଇଥାଏ । ଆଦିବାସୀ ଯୁବକ ଯୁବତୀମାନେ କାନ୍ଧକୁ କାନ୍ଧ ମିଳାଇ ମାଦଳ ଓ ଧୁମ୍ସାର ତାଳେତାଳେ ନୃତ୍ୟ କରିବା ଏକ ନିଆରା ପରମ୍ପରା ।

ମୟୂରଭଞ୍ଜ ଜିଲ୍ଲାରେ ମକର ସଂକ୍ରାନ୍ତିର ପୂର୍ବ ଦିନକୁ ମକର ବାଉଣ୍ଡି, ମକର ସଂକ୍ରାନ୍ତି ଦିନକୁ ମକର ଚାଉଣ୍ଡି ଏବଂ ତା' ପର ଦିନକୁ ମକର ଧାଉଣ୍ଡି ବୋଲି କୁହାଯାଏ । ମୟୂରଭଞ୍ଜ ଜିଲ୍ଲାରେ ଏହା ଏକ ନିଆରା ପର୍ବ । ମକର ବାଉଣ୍ଡି ଅର୍ଥାତ ମକର ସଂକ୍ରାନ୍ତି ପୂର୍ବଦିନ ଘରଦ୍ୱାର ଲିପାପୋଛା ଏବଂ ଗାଁ ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ କରାଯାଏ । ମକର ପର୍ବକୁ ଉପଭୋଗ କରିବା ପାଇଁ ଆବାଳ ବୃଦ୍ଧ ବନିତା ଏହି ଦିନରୁ ହିଁ ମଉଜ ମଜଲିସରେ ମାତିଯାଆନ୍ତି । ଲୋକମାନେ ଏହା ପୂର୍ବରୁ ସାପ୍ତାହିକ ହାଟ ଓ ବଜାରରୁ ନୂଆ ଲୁଗାପଟା, ଅରୁଆ ଚାଉଳ, ଗୁଡ, ତିଲଉ, ପନିପରିବା ତଥା ମାଂସ ପାଇଁ ପଶୁପକ୍ଷୀମାନଙ୍କୁ ଘରକୁ ଆଣିଥାଆନ୍ତି । ଗୃହିଣୀମାନେ ରାତି ତମାମ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରନ୍ତି ମକର ଦିନ ପାଇଁ । ବିଶେଷ କରି ଏହି ସମୟରେ ଆଖୁ ଅମଳ ହେଉଥିବାରୁ ଆଖୁରସରେ ପ୍ରସ୍ତୁତ ଏଣ୍ଡୁରିପିଠା, ମଣ୍ଡାପିଠା, ନୂଆ ମାଟିହାଣ୍ଡିରେ ବାଉଣ୍ଡି ବାନ୍ଧି ବିଶେଷ ବିଧିରେ ପ୍ରସ୍ତୁତ କରାଯାଇଥାଏ । ମକର ପର୍ବ ପାଳନ ପାଇଁ ସବୁ ପ୍ରକାର ପ୍ରସ୍ତୁତି ପର୍ବ ବାଉଣ୍ଡି ଦିନ କରାଯାଏ । ସେହିଦିନ ରାତ୍ରିରୁ ଚତୁର୍ଥ ପ୍ରହର ଅର୍ଥାତ କୁକୁଡା ଡାକ ସମୟରୁ ଆବାଳ ବୃଦ୍ଧବନିତାଙ୍କ ଲମ୍ଫାଧାଡି



ଲାଗିଯାଏ ସ୍ନାନ ତୁଠକୁ । ସମସ୍ତେ ଭକ୍ତି ତଥା ପବିତ୍ର ମନରେ ସ୍ନାନ ତୁଠକୁ ଯାଇ ସ୍ନାନ କରି ସାରିବା ପରେ ପୂର୍ବରୁ ନଡା ତଥା ଡାଳ ପତ୍ରରେ ପ୍ରସ୍ତୁତ ହୋଇଥିବା ମକରକୁମା ବା ମକର ପଲ୍ଲାକୁ ଜାଳି ବାଣ, ରୋଷଣୀ, ଶଙ୍ଖ ଧ୍ୱନି, ବାଜା, ମାଦଳ ବଜାଇ କୀର୍ତ୍ତନ କରି ଘରକୁ ଫେରନ୍ତି । ଏହି ସମୟରେ କର୍ମକ୍ଷେତ୍ରରୁ ସମସ୍ତେ ଆସି ନିଜ ନିଜ ଘରେ ଉତ୍ସବଟିକୁ ଉପଭୋଗ କରନ୍ତି ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ସହକାରେ । କୁଡୁମୀ ସମ୍ପ୍ରଦାୟର ପ୍ରତି ପରିବାର ଅରୁଆ ଚାଉଳ ଓ ମାଂସ ସହିତ ଅତ୍ୟନ୍ତ ସୁସ୍ୱାଦୁ ଖେଚୁଡି ଭଳି ଖାଦ୍ୟ ପ୍ରସ୍ତୁତ କରନ୍ତି, ଯାହା ଏହି ପର୍ବର ଏକ ସ୍ୱତନ୍ତ୍ରତା । ଅତିଥିଙ୍କ ଗହଣରେ ସମସ୍ତେ ଆନନ୍ଦରେ ଖାଆନ୍ତି ଏହି ସୁସ୍ୱାଦୁ ଖାଦ୍ୟକୁ ।

ମକର ସଂକ୍ରାନ୍ତିର ପରଦିନ (ମକର ଧାଉଣ୍ଡି) ଠାରୁ ଆରମ୍ଭ ହୋଇଥାଏ ବିଭିନ୍ନ ପ୍ରକାରର କ୍ରୀଡା ଓ ସାଂସ୍କୃତିକ ଉତ୍ସବ ଲାଖବିନ୍ଧା ଓ କୁକୁଡା ଲଢେଇ ଏହି ପର୍ବର ଏକ ବିଶେଷ ଆକର୍ଷଣ ଅଟେ । ଝୁମର, କାଠି ନାଚ, ଚାଙ୍ଗୁନାଚ ଭଳି ବହୁ ପୁରାତନ ସଂସ୍କୃତିର ଝଲକ ଦେଖିବାକୁ ମିଳେ ଏହି ପର୍ବରେ । ସପ୍ତାହ ବ୍ୟାପି ଲାଗିରହେ ଏହି ପର୍ବ ।

କୁଡୁମୀ ସମ୍ପ୍ରଦାୟର କୁମାରୀ ମାନେ ଟୁସୁଦେବୀଙ୍କୁ ଆରାଧନା ପୂର୍ବକ ସୁସଜ୍ଜିତ ବିମାନରେ ବସାଇ ଟୁସୁଗୀତ ଗାଇଗାଇ ଯାଆନ୍ତି ଜଳାଶୟ ନିକଟକୁ ଓ ଜଳରେ ବିସର୍ଜନ କରନ୍ତି । ଏହା ପଛରେ ଏକ କିମ୍ବଦନ୍ତୀ ଅଛି, କୁଡୁମୀ ସମ୍ପ୍ରଦାୟର ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ଥିଲେ ଟୁସୁ । ଜଣେ ଯବନ ରାଜାର ଟୁସୁଙ୍କ ଉପରେ ନଜର ପଡିଲା ଏବଂ ତାଙ୍କ ନିର୍ଦ୍ଦେଶରେ ସୈନ୍ୟମାନେ ଟୁସୁକୁ ଧରି ଆଣିବା ପାଇଁ ଅଭିଯାନ ଆରମ୍ଭ କଲେ । ଟୁସୁ ଦେବୀ ନିଜର ପ୍ରେମକୁ ଅମର ରଖିବା ଓ ସତୀତ୍ୱ ରକ୍ଷା ଉଦ୍ଦେଶ୍ୟରେ ମକର ବାଉଣ୍ଡି ଦିନ ରାତ୍ରିର ଚତୁର୍ଥ ପ୍ରହରରେ ନଈକୁ ଡେଇଁ ପଡି ପ୍ରାଣ ବିସର୍ଜନ କରିଥିଲେ । ଏହି କିମ୍ବଦନ୍ତୀ ଓ ମାର୍ମିକ କାହାଣୀକୁ ଆଧାର କରି କୁଡୁମୀ ଲଳନାମାନେ ଟୁସୁ ପୂଜା କରିଥାନ୍ତି ।

ବାଥୁଡ଼ି ସଂପ୍ରଦାୟର ଗୃହିଣୀମାନେ ନଦୀଘାଟରେ ତେଲ, ହଳଦୀ ଓ ଦାନ୍ତକାଠି ଦେଇ ପୂର୍ବପୁରୁଷଙ୍କୁ ଆବାହନ ଜଣାନ୍ତି । ପିତୃପୁରୁଷଙ୍କୁ ଚୂଡ଼ା, ଗୁଡ଼ ଓ ପିଠାପଣା ଅର୍ପଣ କରିବା ସାଙ୍ଗକୁ ଧାନଖଳାକୁ ଗୋବରରେ ଲିପି ଝୋଟି ପକାନ୍ତି । ସେଠାରେ ଗୌଣି ତଥା ସେରକୁ ତଳମୁହାଁ କରି ବଡ଼ରୁ ସାନ କ୍ରମରେ ସଜାଇ ରଖି ପୂଜା କରନ୍ତି । କୁକୁଡ଼ା ଲଢ଼େଇ ମକର ପର୍ବର ଏକ ବିଶେଷ ଆକର୍ଷଣ । ସାନ୍ତାଳ ସଂପ୍ରଦାୟ ଏହିଦିନ ଲାଖବିନ୍ଧା ପ୍ରତିଯୋଗିତା ଆୟୋଜନ କରନ୍ତି ।

ମକର ଅବସରରେ ମୟୂରଭଞ୍ଜର ଦେବକୁଣ୍ଡ, ରାମତୀର୍ଥ, ଦ୍ୱାରଶୁଣୀ ଓ ସମୀବୃକ୍ଷ ପ୍ରଭୃତି ସ୍ଥାନମାନଙ୍କରେ ମାସ ବ୍ୟାପି ମେଳା ମହୋତ୍ସବ ଅନୁଷ୍ଠିତ ହୁଏ । ବିଭିନ୍ନ ଶୈବ ପୀଠ ମଧ୍ୟ ଉତ୍ସବ ମୁଖର ହୁଏ । ପବିତ୍ର ମକର ସଂକ୍ରାନ୍ତି ପରଦିନ ସାନ୍ତାଳ ସଂପ୍ରଦାୟର ଲୋକମାନେ ସେମାନଙ୍କର ମୃତ ଆତ୍ମୀୟ ସ୍ୱଜନଙ୍କର ଅସ୍ଥି ବିସର୍ଜନ ଓ ତିଳତର୍ପଣ କାର୍ଯ୍ୟ ସମାପନା କରିଥାନ୍ତି ବିଭିନ୍ନ ନଦୀ ମାନଙ୍କରେ ଯାହାକୁ ଦାମୋଦର ଯାତ୍ରା ବୋଲି କୁହାଯାଏ । ଏହି ଦାମୋଦର ଯାତ୍ରାରେ ମୁଖ୍ୟତଃ ଭୀମକୁଣ୍ଡ ଓ ବାରିପଦା ସ୍ଥିତ ବାରୁଣି ଘାଟରେ ପ୍ରବଳ ଜନସମାଗମ ହୁଏ ।

ଏହି ପବିତ୍ର ପର୍ବ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କ ସହିତ ଏକ ସୁସମ୍ପର୍କର ସେତୁ ନିର୍ମାଣ କରିଥାଏ ।







# ସୂର୍ଯ୍ୟ ଉପାସନାର ପର୍ବ ମକର ସଂକ୍ରାନ୍ତି

ସଂସାରର ସବୁ ସଂସ୍କୃତିରେ ସୂର୍ଯ୍ୟଙ୍କୁ ଆଲୋକ ଓ ଶକ୍ତିର ଦେବତା ଭାବରେ ଗ୍ରହଣ କରାଯାଏ। ଧର୍ମ ଓ ବିଜ୍ଞାନ ଉଭୟ ସୂର୍ଯ୍ୟଙ୍କ ମହତ୍ତ୍ୱକୁ ସ୍ୱୀକାର କରନ୍ତି। ମକର ସଂକ୍ରାନ୍ତିରେ ପ୍ରୟାଗର ତ୍ରିବେଣୀ ସଙ୍ଗମ ଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରି ଅନୁଚିତ ଚିନ୍ତା ଛାଡ଼ି ସତ୍‌ମାର୍ଗରେ ଚାଲିବାର ସଂକଳ୍ପ ନିଅନ୍ତି। ବିଶ୍ୱାସ କରାଯାଏ, ଏହି ଦିନ ପୃଥିବୀର ସବୁ ତୀର୍ଥ ପ୍ରୟାଗ ଆସନ୍ତି। ଉତ୍ତରାୟଣ ସୂର୍ଯ୍ୟ ଆମକୁ ଦୃଢ଼ ସଂକଳ୍ପବାନ ଓ କର୍ମଯୋଗୀ ହେବାର ପ୍ରେରଣା ଦିଅନ୍ତି। ଧର୍ମଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ଦକ୍ଷିଣାୟନ ହେଲେ ସବୁ ଶୁଭ କାର୍ଯ୍ୟ ବର୍ଜିତ ହୁଏ। ଉତ୍ତରାୟଣ ଠାରୁ ସବୁ ଶୁଭ କାର୍ଯ୍ୟ ଆରମ୍ଭ ହେବ। ଚଳିତ ବର୍ଷ ସୂର୍ଯ୍ୟ ଉତ୍ତରାୟଣ ହେବା ପରେ ଦେଶ ଦୁନିଆ ଉପରେ ସୂର୍ଯ୍ୟଙ୍କର



ଶୁଭ ପ୍ରଭାବ ପଡ଼ିବ, ସୂର୍ଯ୍ୟଙ୍କର ଶୁଭ ପ୍ରଭାବରେ ଦେଶର ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ, ଦେଶର ଅଗ୍ରଗତି ହେବ ବୋଲି ବିଶେଷଜ୍ଞମାନଙ୍କ ମତ। ହିନ୍ଦୁଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ। ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ। ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ – ଏହା ମକର ସଂକ୍ରାନ୍ତିର ସନ୍ଦେଶ।

**ମ**କର ସଂକ୍ରାନ୍ତିର ଗୋଟିଏ ଦିନ ପୂର୍ବରୁ ବସନ୍ତ ପୂର୍ବର ଉତ୍ସବ ଲୋହଡି ଉତ୍ତର-ଭାରତ ବିଶେଷକରି ପଞ୍ଜାବରେ ପାଳନ କରାଯାଏ। ମକର ସଂକ୍ରାନ୍ତି ଦିନ ତାମିଲ ହିନ୍ଦୁମାନେ ପୋଙ୍ଗଲ ପର୍ବ ମନାନ୍ତି । ସମଗ୍ର ଦକ୍ଷିଣ ଭାରତୀୟଙ୍କ ପାଇଁ ଏହା ସବୁଠାରୁ ବଡ଼ ପର୍ବ । ଆସାମରେ ବିହୁ ଭାବରେ ପାଳନ କରାଯାଏ ମକର ସଂକ୍ରାନ୍ତି । ଭାରତର ବିଭିନ୍ନ ପ୍ରଦେଶରେ ମକର ସଂକ୍ରାନ୍ତି, ଏହାର ପର୍ବ ଓ ପରଦିନରେ ନାନା ପର୍ବ ପାଳନ କରାଯାଏ । ସୂର୍ଯ୍ୟଙ୍କ ଗତି ସହ ସମ୍ପର୍କ ଥିବା ଯୋଗୁଁ ଏହି ପର୍ବ ଋତୁଚକ୍ର ଓ ଫସଲ ସହ ଜଡ଼ିତ । ସାରା ଭାରତରେ ଏହା ବିଭିନ୍ନ ରୂପରେ ମନାଯାଏ । ଦକ୍ଷିଣାୟନକୁ ଦେବତା ମାନଙ୍କ ରାତି ଅର୍ଥାତ୍ ନକାରାତ୍ମକତା ଓ ଉତ୍ତରାୟଣକୁ ଦେବତାମାନଙ୍କ ଦିନ ଅର୍ଥାତ୍ ସକାରାତ୍ମକତାର ପ୍ରତୀକ ଭାବରେ ଗ୍ରହଣ କରାଯାଏ । ଅନ୍ୟ ଅର୍ଥରେ କୁହାଯାଇପାରେ ଦକ୍ଷିଣାୟନରେ ରାତି ସୁଖଦ ହୁଏ, ଉତ୍ତରାୟଣରେ ଦିନ ଭଲ ହୁଏ । ବୈଦିକ ଯୁଗରେ ଉତ୍ତରାୟଣକୁ ଦେବାୟନ ଓ ଦକ୍ଷିଣାୟନକୁ ପିତୃୟାନ କୁହାଯାଉଥିଲା । ବିଶ୍ୱାସ କରାଯାଏ ପୁଣ୍ୟବାନ ଆତ୍ମାମାନେ ସ୍ୱର୍ଗରେ ମଧ୍ୟ ଏହି ଦିନରେ ପ୍ରବେଶ କରନ୍ତି। ତେଣୁ ଏହା ଆଲୋକର ପର୍ବ। ମକର ସଂକ୍ରାନ୍ତି ଦିନ ସାରା ଦେଶରେ ଗୁଡ଼ିଉଡା ଆରମ୍ଭ କରାଯାଏ । ଭାରତୀୟ ସଂସ୍କୃତି ପଞ୍ଚଦେବତାଙ୍କ ପୂଜାକୁ ଗୁରୁତ୍ୱ ଦିଆଯାଏ । ଶିବ, ବିଷ୍ଣୁ, ଗଣପତି, ଆଦ୍ୟାଶକ୍ତି ଓ ସୂର୍ଯ୍ୟ ଏହି ପଞ୍ଚଦେବତା । ପଞ୍ଚଦେବତାଙ୍କ





ପୂଜା, ଉପାସନା, ଆରାଧନା ଓ ଜପ ଦ୍ୱାରା ସାଧକଙ୍କୁ ଲୌକିକ-ପରଲୌକିକ, ନୈତିକ-ଆଧ୍ୟାତ୍ମିକ ସମସ୍ତ ପ୍ରକାର ଲାଭ ମିଳେ । ମକର ସଂକ୍ରାନ୍ତିରେ ନୂତନ ସଂକଳ୍ପ ମଧ୍ୟ ନିଆଯାଏ । ମହାଭାରତ ଯୁଦ୍ଧ ପରେ ପିତାମହ ଭୀଷ୍ମ ଶରଶଯ୍ୟାରେ ରହି ୫୮ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରିଥିଲେ । ସୂର୍ଯ୍ୟ ଆତ୍ମଦେବର ପ୍ରତୀକ ଅର୍ଥାତ୍ ଆମ ଆତ୍ମାର ଯେଉଁ ଦେବତ୍ୱ ନିହିତ ଅଛି ତାହାର ପ୍ରତୀକ । ସୂର୍ଯ୍ୟ ଜ୍ଞାନଶକ୍ତି ଓ ତେଜର ପ୍ରତୀକ । ସେ ସାରା ସଂସାରକୁ ପ୍ରକାଶିତ କରନ୍ତି । ମକର ସଂକ୍ରାନ୍ତି ନିଜ ଭିତରେ ଏହି ଚେତନାକୁ ବିକଶିତ କରିବାର ପର୍ବ । ଆମ ଭିତରେ, ଆମ ଆତ୍ମାରେ ଯେଉଁ ସୂର୍ଯ୍ୟ ଅଛନ୍ତି, ତାଙ୍କ ତେଜ ପ୍ରଖର କରିବାର ଏହା ପର୍ବ । ସୂର୍ଯ୍ୟ ଯେମିତି ବାଦଲରେ ଢ଼ାଙ୍କି ହୋଇଯାଆନ୍ତି, ସେମିତି ଆମର ଆତ୍ମା ମଧ୍ୟ କାମ, କ୍ରୋଧ ଓ ଅହଂକାରରୂପୀ ବାଦଲରେ ଆଚ୍ଛାଦିତ ହୋଇ ରୁହେ। ସୂର୍ଯ୍ୟ ବାଦଲ ମଧ୍ୟରୁ ପୁନଃ ପ୍ରକାଶିତ ହେବା ପରି ଆମେ ନିଜ ଆତ୍ମାର ତେଜ ବିକାଶ କରିବା ଉଚିତ । ଯେମିତିକି ନିରାଶଜନକଙ୍କ ମନରେ ମଧ୍ୟ ଉତ୍ସାହ ଓ ଆନନ୍ଦ ଭରିଯିବ । ତେଣୁ ମନକୁ ବିକାରମୁକ୍ତ କରିବା ପାଇଁ ଆମେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରିବା ଉଚିତ ।

ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ । ଏହା ଦେବତାମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ତ୍ୱ ରହିଛି । ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ । ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ । ଫଳରେ ତାପମାତ୍ରା କମେ । ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍



ହୋଇଯାଏ । ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ । ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ । ଏହି ଦିନ ରାଶି ଲଡୁ ଭୋଗ କରାଯାଏ । ଏହାପଛରେ ବୈଜ୍ଞାନିକ କାରଣ ରହିଛି । ଶୀତଦିନେ ଶରୀରକୁ ଉତ୍ତାପର ଆବଶ୍ୟକତା ଥାଏ । ଗୁଡ଼ ଓ ରାଶି ଶରୀରକୁ ଆବଶ୍ୟକ ଉତ୍ତାପ ପ୍ରଦାନ କରନ୍ତି । ରାଶିକୁ ପ୍ରଚୁର ପରିମାଣରେ ତେଲ ଆମ ଶରୀରକୁ ଯାଏ । ଏହା ଶରୀରର ଆବଶ୍ୟକ ଉତ୍ତାପ ରକ୍ଷା କରେ । ସାରା ଭାରତରେ ମକର ସଂକ୍ରାନ୍ତି ଦିନ ଗୁଡ଼ିଉଡା ପର୍ବ ଆରମ୍ଭ ହୁଏ । ମକର ସଂକ୍ରାନ୍ତିରେ ଗୁଡ଼ି ଉଡାଇବା ପଛରେ କୌଣସି ଧାର୍ମିକ କାରଣ ନାହିଁ । କିନ୍ତୁ ଏହାର ମନୋବୈଜ୍ଞାନିକ କାରଣ ରହିଛି । ପୌଷ ମାସରେ ଅଧିକ ଥଣ୍ଡା ଯୋଗୁଁ ଆମ ଶରୀରରେ ଅନେକ ରୋଗ ସୃଷ୍ଟି ହୋଇଥାଏ । ଏହି ଦିନରେ ତ୍ୱଚା ମଧ୍ୟ ଶୁଷ୍କ ହୋଇଯାଏ । ସୂର୍ଯ୍ୟ ଉତ୍ତରାୟଣ ହେଲେ ତାଙ୍କ କିରଣ ଆମ ଶରୀର ପାଇଁ ଔଷଧ ପରି କାମ ଦିଏ । ଗୁଡ଼ି ଉଡାଇବା ସମୟରେ ଆମ ଶରୀର ସିଧାସଳଖ ସୂର୍ଯ୍ୟଙ୍କ କିରଣ ପାଏ । ଏହାଦ୍ୱାରା ଶୀତରୁ ସୃଷ୍ଟି ହୋଇଥିବା ଅନେକ ଶାରୀରିକ ରୋଗ ମନକୁ ମନ ଭଲ ହୋଇଯାଏ । ମକର ସଂକ୍ରାନ୍ତି ଅବସରରେ ଆସାମରେ ବିହୁ ଉତ୍ସବ ପାଳନ କରାଯାଏ । ଆମ ଦେଶରେ ମକର ସଂକ୍ରାନ୍ତିକୁ ଏକ ପବିତ୍ର ଦିବସ ରୂପେ ପାଳନ କରାଯାଏ । ଏହିଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି ଓ ତାଙ୍କର ଉତ୍ତରାୟଣ ଆରମ୍ଭ ହୁଏ । ସଦ୍‌ଗୁରୁ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି ମକର ସଂକ୍ରାନ୍ତି ଆବାହମାନ କାଳରୁ ଏକ ପରିପୂର୍ଣ୍ଣତା ଓ ଆନନ୍ଦର ଦିବସ ରୂପେ ପାଳିତ ହୋଇ ଆସୁଅଛି । ଏହି ପର୍ବ ସାମାଜିକ ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ସଂକ୍ରାନ୍ତିର ଅର୍ଥ ହେଲା ସମୂହ କ୍ରାନ୍ତି । କ୍ରାନ୍ତି କହିଲେ ପରିବର୍ତ୍ତନକୁ ବୁଝାଏ । ଏହି ପବିତ୍ର ଦିବସର ପ୍ରଭାବରେ ସମଗ୍ର ମାନବ ଜାତି ମଧ୍ୟରେ ପବିତ୍ର ବାତାବରଣ ସୃଷ୍ଟି ହୁଏ । ସଂକ୍ରାନ୍ତି ହୃଦୟର ପରିବର୍ତ୍ତନ ଆଣିଲେ ସମସ୍ତେ ସୁଖ ସମୃଦ୍ଧ ଭରା ଗୌରବମୟ ଜୀବନଯାପନ କରିବେ ।





